## ସଂକ୍ଷେପରେ

### ଚୋରି ମାମଲାରେ ଅଭିଯୁକ୍ତଙ୍କୁ ୬ ମାସ ଜେଲ

ରାଇଘର,୨୩।୮(କିରଣ ପଟ୍ଟନାୟକ )

ପ୍ରଥମ ଶ୍ରେଣୀ ବିଚାରପତି ପ୍ରତ୍ୟୁଷ କୁମାର ଚାନ୍ଦ ବୁଧବାର ରାଇଘର ଥାନା ଅନ୍ତର୍ଗତ ଖୁଟୁଗାଁ ଗ୍ରାମରେ ହୋଇଥିବା ଚୋରି ମାମଲାର ଶୁଣାଣି କରି ଅଭିଯୁକ୍ତ ମହେଶ ହରିଜନଙ୍କୁ ୬ ମାସ ଜେଲଦଣ୍ଡ ସହିତ ୨ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ସରକାରୀ ଓକିଲ ମନୋଜ କୁମାର ମହାପାତ୍ର ଉପସ୍ଥିତିରେ ମୋଟ ୮ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତ ମହେଶଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ସୂଚନାଯୋଗ୍ୟ, ୩୧।୧୨।୨୦୦୪ ବିଳମ୍ବିତ ରାତିରେ ଖୁଟୁଗାଁ ଗ୍ରାମର ଫରସ ମାଳୀଙ୍କ ଘରୁ ମହେଶ ହରିଜନ (୪୭) ଚୋରି କରି ଧରା ପଡିଥିଲେ। ଫରସ ଏ ନେଇ ରାଇଘର ଥାନାରେ ଏତେଲା ଦେଇଥିଲେ। ଏହି ଘଟଣାରେ ପୋଲିସ ଏକ ମାମଲା ୧୦୩/୦୪ ରୁଜୁ କରି ମହେଶଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

### ପାଣିରେ ବୁଡ଼ି ବୃଦ୍ଧ ମୃତ

କୋରୁକୋଣ୍ଡା,୨୩।୮(ଅବିନାଶ ବେହେରା)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ କାମୱେଡା ପଞ୍ଚାୟତ ଏମ୍‌ଭି ୨୯ ଗ୍ରାମର ଅମଲ ଘରାମି ବୁଧବାର (୭୦) କେନାଲକୁ ଗାଧେଇବାକୁ ଯାଇଥିଲେ। ସେଠାରେ ତାଙ୍କ ଗୋଡ଼ ଖସିଯିବାରୁ ପାଣିରେ ପଡ଼ି ତାଙ୍କର ମୃତ୍ୟୁ ଘଟିଛି । କେତେଜଣ ଗ୍ରାମବାସୀ ଏହା ଦେଖି ଗାଁରେ ଖବର କରିଥିଲେ। ଲୋକେ ତାଙ୍କୁ ଉଦ୍ଧାରକରି ଆଣିବା ବେଳେ ତାଙ୍କର ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଥିଲେ। ପରେ ଏ ନେଇ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା କୋରୁକୋଣ୍ଡା ଥାନା ଭାରପ୍ରାପ୍ତ ଅଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି ।

### ଦେଶୀ ମଦ ଜବତ, ୨ ଗିରଫ

ବାଲିମେଳା,୨୩।୮(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ଓର୍କେଲ ପୋଲିସ ବୁଧବାର ୬୫ ଲିଟର ଦେଶୀ ମଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଓର୍କେଲ ଥାନା ଅନ୍ତର୍ଗତ ତାରଲାକୋଟା ଗ୍ରାମର କସା ମାଡକାମୀ(୪୫)ଏମ୍‌ଭି-୩୫ ଗ୍ରାମରୁ ଦେଶୀ ମଦ ନେଉଥିବା ସମୟରେ ଧରା ପଡ଼ିଥିଲେ। ସେ ଏକ ଜାରକିନ ଏବଂ ବୋତଲରେ ୩୫ ଲିଟର ଦେଶୀ ମଦ ଥିବା ଜଣା ପଡିଥିଲା। ସେହିପରି ଅନ୍ୟ ଏକ ଘଟଣାରେ ତାରଲାକୋଟା ଗ୍ରାମର ପଦିଆ ବାର୍ସେ (୩୫) ସି-କଲୋନୀ ଗ୍ରାମରୁ ତାରଲାକୋଟାକୁ ଦେଶୀ ମଦ ନେଇ ଆସୁଥିବା ସମୟରେ ପୋଲିସ ହାବୁଡ଼ରେ ପଡ଼ିଥିଲେ। ତାଙ୍କ ନିକଟରୁ ମଧ୍ୟ ଏକ ଜାରକିନ ଏବଂ ବୋତଲ ରେ ୩୦ ଲିଟର ଦେଶୀ ମଦ ଥିବା ଜଣାପଡିଥିଲା। ୬୫ ଲିଟର ଦେଶୀ ମଦ ଜବତ କରିବା ସହ ଉଭୟଙ୍କୁ ପୋଲିସ ଗିରଫ କରି ଓର୍କେଲ ଥାନାକୁ ଆଣିଥିଲେ। ଏ ନେଇ ଏକ ମାମଲା ରୁଜୁ କରିବା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଧୀରେନ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଠିକା କାମକୁ ନେଇ ବ୍ୟବସାୟ

- ଆୱାର୍ଡ କାମ ନାମରେ ହାତାହାତି ବଣ୍ଟା ଚାଲିଛି କାର୍ଯ୍ୟ
- ଟେଣ୍ଡର ପ୍ରକ୍ରିୟା କରି କାର୍ଯ୍ୟ ବଣ୍ଟନ ଦାବି
- ଯଦି ଏପରି ହେଉଥିବା ଦୃଢ଼ କାର୍ଯ୍ୟାନୁଷ୍ଠାନ:ଅତିରିକ୍ତ ମୁଖ୍ୟଯନ୍ତ୍ରୀ

ତେନ୍ତୁଳିଖୁଣ୍ଟି,୨୩।୮(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ଇନ୍ଦ୍ରାବତୀ ଡ୍ୟାମ ସର୍କଲରେ ଠିକା କାର୍ଯ୍ୟକୁ ହାତାହାତି ବଣ୍ଟନ କରି କିଛି କର୍ମଚାରୀ ବ୍ୟବସାୟ ଚଳାଇଥିବା ଅଭିଯୋଗ ହେଉଛି। ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ନିର୍ଦ୍ଦେଶରେ ପ୍ରତ୍ୟେକ ସରକାରୀ କାର୍ଯ୍ୟକୁ ଟେଣ୍ଡର ମାଧ୍ୟମରେ କରାଯିବା ବ୍ୟବସ୍ଥା ରହିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ୭୦ହଜାର, ୫୦ ହଜାର ଟଙ୍କାର କାମକୁ ଟେଣ୍ଡର ମାଧ୍ୟମରେ କରୁଥିବା ବେଳେ ଇନ୍ଦ୍ରାବତୀ ଡ୍ୟାମ ସର୍କଲରେ ସରକାରୀ ନିୟମର ଉଲ୍ଲଂଘନ କରାଯାଉଛି। ସବୁ ନୀତିନିୟମକୁ ଆଖି ବୁଜିଦେଇ ଆୱାର୍ଡ ନାମରେ ଭାଗଭାଗ କରି ବ୍ୟବସାୟ କରାଯାଉଥିବା ଅଭିଯୋଗ ହେଉଛି । ଏହା ପୂର୍ବରୁ ୨୦୨୨-୨୩ ଆର୍ଥିକ ବର୍ଷରେ ଆୱାର୍ଡ ନାମରେ ୪୯ଟି କାର୍ଯ୍ୟ ହୋଇଥିବା ଜଣାପଡ଼ିଛି। ସବୁ କାମ ଏପରି ଚତୁରତାର ସହ କରାଯାଇଛି ଏନେଇ କେହି ସୁରାକ ପାଇଲେନି। ବିଲ୍ ହେଲାବେଳେ ଲୋକେ ଜାଣିଲେ। ଇତିମଧ୍ୟରେ ୨କୋଟି ୫୦ଲକ୍ଷ ଟଙ୍କାର ବିଲ ହୋଇଥିବା ଜଣାପଡିଛି। ଏହି ପ୍ରକଳ୍ପରେ ଯେଉଁଠି ନିଜ ଅଧୀନରେ ଥିବା ବିଦ୍ୟାଳୟ ଓ ସ୍ୱାସ୍ଥ୍ୟକେନ୍ଦ୍ର ଦୈନିକ ପରିଚାଳନା ପାଇଁ ଟଙ୍କାଟିଏ ଦେବାକୁ ଅଧିକାରୀ ଅକ୍ଷମତା ପ୍ରକାଶ କରୁଛନ୍ତି ସେଠାରେ ଆୱାର୍ଡ ନାମରେ ଗାର୍ଡୱାଲ ଓ ଡ୍ରେନ ନିର୍ମାଣ ହେଉଛି। ମାତ୍ର ଡ୍ୟାମକୁ ଯିବା ଲାଗି ରାସ୍ତା ହୋଇପାରୁନି। ବର୍ତ୍ତମାନ ପୁଣି ୫୦ରୁ ଅଧିକ କାର୍ଯ୍ୟ ହେବାକୁ ଏଷ୍ଟିମେଟ ହୋଇଛି। ପ୍ରତି କାର୍ଯ୍ୟକୁ ୪ ଲକ୍ଷ ୯୯ ହଜାର ୯ ଶହ ଟଙ୍କାରେ ସୀମିତ ରଖାଯାଇଛି । ସବୁ ଭାଗ ଭାଗ କରି ନିଜକୁ ସୁହାଇଲା ଭଳି ଠିକାଦାରଙ୍କୁ କାର୍ଯ୍ୟ ପ୍ରଦାନ କରାଯାଉଛି । ପ୍ରତି କାର୍ଯ୍ୟ ପିଛା ଇନିସିଆଲ ପ୍ରୋସେସିଂ(ଅଫିସ ଖର୍ଚ୍ଚ) ନାମରେ ପ୍ରାୟ ୭୦ହଜାର ଟଙ୍କା ଆଗୁଆ ମଗାଯାଉଛି। ଏହା ଠିକାଦାରଙ୍କ ମଧ୍ୟରେ ଆଲୋଚନାର ବିଷୟ ପାଲଟିଛି। ଏଥିରେ ସତ୍ୟତା ଥିବାରୁ କାର୍ଯ୍ୟର ମାନ ହ୍ରାସ ହେବା ସହ କାର୍ଯ୍ୟରେ ସ୍ୱଚ୍ଛତା ରହୁନାହିଁ ବୋଲି କେତେକ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି। ଦୀର୍ଘ ଦିନ ଧରି ପ୍ରକଳ୍ପ ପ୍ରଶାସନ ଇନ୍ଦ୍ରାବତୀ ପାରିପାର୍ଶ୍ୱିକ ବିକାଶ ଦିଗରେ ମଧ୍ୟ ଆଖି ବୁଜିଦେଇଛି। ଏହା ଏବେ ଜଳସମ୍ପଦ ବିଭାଗକୁ ହସ୍ତାନ୍ତର ପରେ ସ୍ଥିତିରେ ସୁଧାର ଆସିବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ଉଭୟ ଜଳସେଚନ ଓ ଶକ୍ତି ବିଭାଗ ୫୦-୫୦ ଅନୁପାତରେ ପ୍ରକଳ୍ପ ପାଇଁ ଖର୍ଚ୍ଚ କରିବାକୁ ଯୋଜନା କରିଥିବା ବେଳେ ପାରିପାର୍ଶ୍ୱିକ ବିକାଶକୁ ପ୍ରକଳ୍ପ କର୍ତ୍ତୃପକ୍ଷ ନଜର ଆଢୁଆଳରେ ରଖିଛନ୍ତି। ଠିକାଦାରଙ୍କ ତୁଷ୍ଟିକରଣରେ ପ୍ରଶାସନର ଏଭଳି ଭିତିରିଆ କାରବାର ପଦାକୁ ଆସିବା ପରେ ଆରମ୍ଭରୁ ଅସନ୍ତୋଷ ଦେଖିବାକୁ ମିଳିଲାଣି । ଠିକା କାର୍ଯ୍ୟଗୁଡ଼ିକୁ ଟେଣ୍ଡର ନ କରି ଏଭଳି ବେନିୟମ ଭାବେ କାର୍ଯ୍ୟ ବଣ୍ଟନ ପଛରେ ପ୍ରଶାସନର ତତ୍ପରତା ପ୍ରତି ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ଏନେଇ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସଞ୍ଜୀବ ଭଦ୍ରାଙ୍କୁ ପଚାରିବାରୁ ସେ ସବୁ ଅଭିଯୋଗକୁ ଖଣ୍ଡନ କରି ଯଦି ଏପରି ହୋଇଥିବ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଏ ଦିଗରେ ୫୩ଟି କାର୍ଯ୍ୟ ବଣ୍ଟନ କରାଯାଇଥିବା ନେଇ ସୂଚନା ମିଳିଥିବା ବେଳେ ଏହି ସଂଖ୍ୟାକୁ ପ୍ରଶାସନିକ ସ୍ତରରେ ଖଣ୍ଡନ କରାଯାଇଛି। ଏଭଳି କାର୍ଯ୍ୟ ବଣ୍ଟନ କାହା ନିର୍ଦ୍ଦେଶରେ ହେଉଛି ଏବଂ ଏନେଇ ଉପରିସ୍ଥ ଅଧିକାରୀ ଅବଗତ ଅଛନ୍ତି କି ନାହିଁ ତାହାର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି । ସୂଚନାଯୋଗ୍ୟ, ଏହି ପ୍ରକଳ୍ପରେ ଆୱାର୍ଡ କାମ ନାମରେ କିଛି ଅଧିକାରୀ ଓ କର୍ମଚାରୀ ଉପକୃତ ହେଉଥିବା ଏବଂ ବାହାର ଅଞ୍ଚଳର ଠିକାଦାର ନ ଆସି ଏଗ୍ରିମେଣ୍ଟ ଅନ୍ୟ କେହି କରିବା, ଗୋଟିଏ କାମକୁ ୨ଥର କରାଯାଉଥିବା ଅଭିଯୋଗ ପରେ ତତ୍କାଳୀନ ପ୍ରକଳ୍ପ ମୁଖ୍ୟ ଓ ଓଡିଶା ଜଳବିଦ୍ୟୁତ ପ୍ରକଳ୍ପ ଆୱାର୍ଡ ବ୍ୟବସ୍ଥା ବନ୍ଦ କରିଦେଇଥିଲେ ।

## ଜଙ୍ଗଲ ଅଧିକାର ନିୟମ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଜିପିଡିପି ତାଲିମ



ବୈଠକରେ ବିଭାଗୀୟ ଉପସ୍ଥିତ ଅଧିକାରୀ।

ଚିତ୍ରକୋଣ୍ଡା, ୨୩।୮(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସଭାଗୃହରେ ପୋରୋବର୍ତ୍ତନ ଆନୁକୂଲ୍ୟରେ ଗ୍ଲୋବାଲ ଗ୍ରୀନ୍ ଗ୍ରାଣ୍ଟ ସହାୟତାରେ ଅମ୍ଭୁଜସ୍ମ୍ୟାନ ସୁନାକର ପାଲଙ୍କ ଅଧକ୍ଷତା ଏବଂ ଚିତ୍ରକୋଣ୍ଡା ଏପିଓ ଉସବ ଗିରିଙ୍କ ସହଯୋଗରେ କର୍ମୀ ଲକ୍ଷ୍ମୀ ନାୟକ ଓ ମୀନା ମାଡ଼କାମିଙ୍କ ସହଯୋଗରେ ବିଭିନ୍ନ ପଞ୍ଚାୟତର ବନ ସୁରକ୍ଷା ସମିତି ସଦସ୍ୟ, ଜିଆର୍‌ଏସ୍, ଗ୍ରାମ ସାଥୀ ଏବଂ ଚିତ୍ରକୋଣ୍ଡା ବ୍ଲକ ଗାଁ ମୁଖିଆଙ୍କୁ ନେଇ ଜଙ୍ଗଲ ଅଧିକାର ନିୟମ, ଏମ୍‌ଜିଏନ୍‌ଆରଇଜିଏସ୍ ଏବଂ ଜିପିଡିପି ସମ୍ପର୍କରେ ଏକ ବ୍ଲକସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ଜମିର ସାମାଜିକ ସୁରକ୍ଷା ଏବଂ ଗୋଷ୍ଠୀ ଜଙ୍ଗଲ ଜମି ପରିଚାଳନା, ନିୟମ ତଥା ଏମ୍‌ଜିଏନ୍‌ଆର୍‌ଇଜିଏସ୍ କିପରି ଓ କେଉଁ କେଉଁ କାମ ପାଇବାକୁ ହକ୍‌ଦାର ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ଜଙ୍ଗଲ ଜମିର ପ୍ରକାର ଭେଦ, ପ୍ରକୃତ ଜଙ୍ଗଲ ଜମି ଚିହ୍ନଟ, କେଉଁମାନେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ପାଇଁ ହକ୍‌ଦାର, କେଉଁମାନେ ଜିପିଡିପି କାମରେ ଅନ୍ତର୍ଭୁକ୍ତ ହୋଇପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦ୍ୱାରା ଥିବା ୨୫୮ କାମ ସମ୍ପର୍କରେ ଆଲୋଚନା ହେବା ସହ ଅତି ଗରିବରୁ ଗରିବ ଶ୍ରେଣୀ ବ୍ୟକ୍ତିଙ୍କୁ କିଭଳି ରୋଜଗାର ଯୋଗାଇଦେବା, ମାଇଗ୍ରେଶନକୁ ରୋକିବା କାମ ଏବଂ ରୋଜଗାରକୁ ସୁନିଶ୍ଚିତ କରିବା ଉପରେ ଆଲୋଚନା କରାଯାଇ କେଉଁ ଜମି କିମ୍ବା ସ୍ଥାନରେ କ'ଣ ହୋଇପାରିବ ଚିହ୍ନଟୀକରଣ ଏବଂ ସ୍ଥାନ ନିରୂପଣ ନିମନ୍ତେ ଏକ କ୍ଲାର୍ଟ ମାଧ୍ୟମରେ କିଭଳି ତଥ୍ୟ ସଂଗ୍ରହ କରି ହେବ ତାକୁ ପାୱାର ପଏଣ୍ଟ ଜରିଆରେ ବୁଝାଇଥିଲେ । କାର୍ଯ୍ୟକ୍ରମକୁ ପୋରୋବର୍ତ୍ତନ ସମ୍ପାଦକ ସନ୍ତୋଷ ଶୁକ୍ଲା ପରିଚାଳନା କରିଥିଲେ ।

## ୨ ବସ୍‌ଷ୍ଟାଣ୍ଡ ଲୋକାର୍ପଣ, ୬ର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ



କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ, ବିଧାୟକ ଓ ବିଭାଗୀୟ ଅଧିକାରୀମାନେ।

ନବରଙ୍ଗପୁର/କୋଷାଗୁମୁଡା/ଡାବୁଗାଁ, ୨୩।୮ (ସଦାଶିବ ପ୍ରହରାଜ/ ପ୍ରସାଦ ବିଷୋୟୀ/ପ୍ରଜ୍ଞାରଞ୍ଜନ ପରିଡ଼ା)

ଲୋକଙ୍କୁ ଉନ୍ନତମାନର ପରିବହନ ସେବା ଯୋଗାଇଦେବା ନିମନ୍ତେ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିସି ମାଧ୍ୟମରେ ବୁଧବାର ନବରଙ୍ଗପୁର ଜିଲାର ନବ ନିର୍ମିତ କୋଷାଗୁମୁଡ଼ା ଓ ଡାବୁଗାଁ ବସଷ୍ଟାଣ୍ଡ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜିଲାରେ ନୂତନ ଭାବେ ନିର୍ମାଣ ହେବାକୁ ଥିବା ୬ଟି ବସଷ୍ଟାଣ୍ଡ ଯଥା ନବରଙ୍ଗପୁର ସଦର, ଝରିଗାଁ, ଚନ୍ଦାହାଣ୍ଡି, କୋଡିଙ୍ଗା, ପାପଡାହାଣ୍ଡି, ନନ୍ଦାହାଣ୍ଡି ବସଷ୍ଟାଣ୍ଡର ଶିଳାନ୍ୟାସ କରିଛନ୍ତି। କୋଷାଗୁମୁଡ଼ା ଓ ଡାବୁଗାଁ ବସଷ୍ଟାଣ୍ଡ ଲୋକାର୍ପଣ ସମାରୋହରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଡାବୁଗାଁ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମନୋହର ରନ୍ଧାରୀ, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଜନପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଓସ୍ୱାନ ହଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏମ୍‌ପି ରମେଶ ଚନ୍ଦ୍ର ମାଝି, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଜିଲାପାଳ କମଳ ଲୋଚନ ମିଶ୍ର, ଏସପି ଏସ୍ ସୁଶ୍ରୀ, ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ ବିନୋଦ ଚନ୍ଦ୍ର ନାୟକ, ଉପ ଜିଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଆଞ୍ଚଳିକ ପରିବହ ଅଧିକାରୀ ଜିତେନ୍ଦ୍ର କୁମାର ଭୋଇ, ପୌରପାଳିକା ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ, ନବରଙ୍ଗପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ, ଜିଲା ପରିଷଦ ସଭ୍ୟା ସଭ୍ୟ, ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଫୁଟ୍‌ବଲ ଖେଳାଳି ସ୍ମୃତି କପ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ମାଲକାନଗିରି,୨୩।୮(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା ଡିଏନ୍‌କେ ଖେଳ ପଡ଼ିଆରେ ବୁଧବାର ଫୁଟବଲ ଖେଳାଳି ସ୍ମୃତି କପ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ଅତିଥି ଭାବେ ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଆଡମା ରାବା, ପୂର୍ବତନ ବିଧାୟକ ମାନସ ମାଡକାମୀ, ଇ.ଆର. ନବଘନ ଖିଲ ପ୍ରମୁଖ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ପ୍ରଥମ ଦିନରେ କରାପାଲି ଓ ଏମ୍‌ଭି ୨ ଫୁଟବଲ ଟିମ୍ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଏମ୍‌ଭି ୨ ଟିମ୍ ବିଜୟୀ ହୋଇଥିଲା। ତେବେ ଏହି ଖେଳରେ ୧୨ଟି ଦଳ ଭାଗ ନେଇଥିବା ବେଳେ ଆସନ୍ତା ୩ ତାରିଖରେ ଏହାର ଉଦ୍‌ଯାପନୀ ମ୍ୟାଚ ଅନୁଷ୍ଠିତ ହେବ ।

## ଚନ୍ଦ୍ରୟାନର ସଫଳତା ପାଇଁ ପୂଜାର୍ଚ୍ଚନା



ପୂଜାର୍ଚ୍ଚନା କରାଯାଉଛି ।

ମାଲକାନଗିରି,୨୩।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ମହାବିଦ୍ୟାଳୟ ପ୍ରାଙ୍ଗଣରେ ଚନ୍ଦ୍ରୟାନ ତୃତୀୟର ସଫଳତା ପାଇଁ ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ରଞ୍ଜନ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବୁଧବାର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଛି। ଏଥିରେ ୭୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହାର ସଫଳତା ପାଇଁ ପ୍ରାର୍ଥନା କରିଥିଲେ। କାର୍ଯ୍ୟକ୍ରମରେ ଇତିହାସ ବିଭାଗ ମୁଖ୍ୟ ନମିତା ଦଣ୍ଡସେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ଚନ୍ଦ୍ରୟାନର ଅବତରଣ ବିଷୟରେ ପିଲାମାନଙ୍କୁ ଆଜିର ଦିବସ ଗୌରବ ଦିବସ ରୂପେ ବୁଝାଇ ଥିଲେ । କାର୍ଯ୍ୟକ୍ରମରେ ଜାତୀୟ ସେବା ସଂସ୍ଥା ଯୋଜନା ଅଧିକାରୀ ପ୍ରେମ ରେଖା ଭଦ୍ରା ଓ ପ୍ରମେୟ କୁମାର ମହାନ୍ତି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ବର୍ଷା ବିଜୟିନୀ ପ୍ରିୟଦର୍ଶିନୀ ବଳ ଏବଂ ଅନୁସ୍ମିତା ଖେରା, ରାଜା ପ୍ରଧାନ, ରିଙ୍କୁ ସମରଥ, ଭଗବତୀ ମଣ୍ଡଳ, ସତ୍ୟଜିତ ଗୌଡ଼ ପିଲାମାନଙ୍କୁ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ନିଜର ମତ ରଖିବା ସହ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ଓଡ଼ିଆ ଅଧ୍ୟାପକ ଟୁକୁନା ବଡୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଫଟୋ ପ୍ରଦର୍ଶନୀ, ନାଟକ କହିଲା ସ୍ୱାଧୀନତା ସଂଗ୍ରାମର କଥା

### ସଂଗ୍ରାମୀ ଜଗନ୍ନାଥ ତ୍ରିପାଠୀଙ୍କ ଶ୍ରାଦ୍ଧ ବାର୍ଷିକୀ

ନବରଙ୍ଗପୁର,୨୩।୮(ସଦାଶିବ ପ୍ରହରାଜ)

ସଂଗ୍ରାମୀ ଜଗନ୍ନାଥ ତ୍ରିପାଠୀଙ୍କ ଶ୍ରାଦ୍ଧ ବାର୍ଷିକୀ ମାତୃ ଆଶ୍ରୟ ଆଶ୍ରମ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଶାସ୍ତ୍ରୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥଙ୍କ ଶ୍ରାଦ୍ଧ ବାର୍ଷିକୀ, ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ନବରଙ୍ଗପୁର ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ସେବିକା ସେବତୀ ସାହୁ, ସ୍ୱାଧୀନତା ସଂଗ୍ରାମୀଙ୍କ କନ୍ୟାଲକ୍ଷ୍ମୀ ମାଝି, ରାଜ୍ୟ ହସ୍ତଶିଳ୍ପ ପୁରସ୍କାରପ୍ରାପ୍ତ ଲାଖ କାରିଗରୀ ସୁଶ୍ରୀ ପ୍ରଭାତୀ ପାତ୍ର ଏବଂ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ, ଜେମାମଣି ବିଶୋୟୀ ସମ୍ମାନିତ ହୋଇଛନ୍ତି। ସ୍ୱାଧୀନତା ସଂଗ୍ରାମୀଙ୍କ କନ୍ୟା ଲକ୍ଷ୍ମୀଙ୍କୁ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ମାହାଙ୍କୁଡ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ଆୟୋଜିତ ପ୍ରଦର୍ଶନୀରେ ଜାତିରପିତା ମହାତ୍ମା ଗାନ୍ଧୀଙ୍କ ଅମଳର କୀର୍ତ୍ତିରାଜି ଫଟୋ ଓ ସେ ସମୟର ଚରଖାଠାରୁ ଆରମ୍ଭ କରି ପ୍ରାୟ ୫ ହଜାର ଫଟୋଚିତ୍ର ପ୍ରଦର୍ଶନୀରେ ସ୍ଥାନ ପାଇଥିଲା। ଜିଲାପାଳ କମଳ ଲୋଚନ ମିଶ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ । ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝି, ବିଧାୟକ ସଦାଶିବ ପ୍ରଧାନୀ, ପୌରାଧ୍ୟକ୍ଷ କୁନୁ ନାୟକ, ରାଜ୍ୟ ଉନ୍ନୟନ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝି, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷା ମଞ୍ଜୁଳା ମାଝି, ଡାବୁଗାଁ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମନୋହର ରନ୍ଧାରିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଜଗନ୍ନାଥଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ୨୦୨୩ କ୍ରାନ୍ତି ମଶାଲକୁ ପ୍ରଜ୍ୱଳନ କରିଥିଲେ। ସନ୍ଧ୍ୟାରେ ନାଟକ''ଟୁରୀ ନଦୀର ଅନ୍ତର କଥା''ସ୍ଥାନୀୟ କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା। ପ୍ରଜ୍ୱଳିତ କ୍ରାନ୍ତି ମଶାଲ ଗୁରୁବାର ମର୍ଯ୍ୟାଦାର ସହ ସହର ପରିକ୍ରମା କରି ପାପଡ଼ାହାଣ୍ଡିରେ ପହଞ୍ଚିବ ବୋଲି ଜିଲା ଶହୀଦ ସଂସ୍କୃତି ସଙ୍ଗଠନ ସଭାପତି ମୁନା ତ୍ରିପାଠୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମାତୃ ଆଶ୍ରୟ ଆଶ୍ରମ ଅଧ୍ୟକ୍ଷା କାଦମ୍ବିନୀ ତ୍ରିପାଠୀ, କମଳା ପୂଜାରୀ, ବଇଲୋଚନ ଜେନା, ଦୟାନିଧି ବେହେରା, ନଗରପାଳ କୁନୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସିଆରପିଏଫ୍ -୨ ବାଟାଲିୟନର ରକ୍ତଦାନ ଶିବିର

ମାଲକାନଗିରି,୨୩।୮(ଦୁର୍ଯ୍ୟୋଧନ ପାତ୍ର)

ସିଆରପିଏଫ୍ ୦୨ ବାଟାଲିୟନ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। କମାଣ୍ଡାଣ୍ଟ ରତିକାନ୍ତ ବେହେରାଙ୍କ ନିର୍ଦ୍ଦେଶରେ ବାଟାଲିୟନର ସବୁ ଅଫିସର ଏବଂ ଯବାନମାନେ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଏହି ଅବସରରେ ବେହେରା ପ୍ରଥମେ ରକ୍ତଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଦ୍ୱିତୀୟ କମାଣ୍ଡିଂ ଅଫିସର ପୱନ କୁମାର, ଟି. ସାମସନ ରାଜୁ, ଡେପୁଟି କମାଣ୍ଡାଣ୍ଟ ଭାସ୍କର ଭଟ୍ଟାଚାର୍ଯ୍ୟ, ବରିଷ୍ଠ ମେଡିକାଲ ଅଫିସର ଡାକ୍ତର ଅନିଲ କୁମାର, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ରାକେଶ କୁମାର ଠାକୁର ଏବଂ ଅଶ୍ୱନୀ କୁମାର ସିଂ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସୁକୁମା ଜିଲା ଡାକ୍ତରଖାନାର ଟିମ୍ ପକ୍ଷରୁ ଅଫିସର ଏସ୍.ରାଜୁ ଏବଂ ତାଙ୍କ ଦଳ ଉପସ୍ଥିତ ଥିଲେ। ଏହି ଅବସରରେ ୬୦ ଯବାନ ଓ କର୍ମଚାରୀ ରକ୍ତଦାନ କରିଥିଲେ।

## କୋଡ଼ିଙ୍ଗାରେ ଆମ ପୋଲିସ କାର୍ଯ୍ୟକ୍ରମ

କୋଡିଙ୍ଗା,୨୩।୮( ସମରେନ୍ଦ୍ର ପଟ୍ଟନାୟକ)

କୋଡ଼ିଙ୍ଗା ପୁଲିସ ପକ୍ଷରୁ ବୁଧବାର କର୍ଚ୍ଚମାଳ ପଞ୍ଚାୟତ ପରିସରରେ ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପାପଡାହାଣ୍ଡି ଏସଡିପିଓ ଆଦିତ୍ୟ ସେନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକଙ୍କୁ ସାଇବର କ୍ରାଇମ, ଟ୍ରାଫିକ ନିୟମ, ବାଲ୍ୟ ବିବାହ, ବ୍ୟାଙ୍କ ଠକେଇ,ମଦ୍ୟପାନ କରି ଗାଡି ନ ଚଳାଇବା, ହେଲମେଟ ବ୍ୟବହାର ଆଦି ବିଷୟରେ ସଚେତନ କରାଇଥିଲେ। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଉମାଦେବୀ ନାୟକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ କୋଷାଗୁମୁଡା ଜିଲା ପରିଷଦ ଜୋନ ୩ ସଭ୍ୟ କ୍ଷୀରୋଦ କୁମାର ନାୟକ, କୋଡିଙ୍ଗା ଥାନା ଅଧିକାରୀ ଯୁଗଳ ଶବର, ଜିଲା ଶିଶୁ ସୁରକ୍ଷା କୋର୍ଡିନେଟର ଫକୀର ରାଉତ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଯମୁନା ଭତରା, ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭେଙ୍କେଟେସ ହଲବା, ମହିଳା ସ୍ୱାସ୍ଥ୍ୟକର୍ମୀ ମୀନା କୁମାର, କୋଡ଼ିଙ୍ଗା ଏ.ଏସ.ଆଇ ପ୍ରଦୀପ କୁମାର ବାଘ, ଏ.ଏସ.ଆଇ ଟି.ଏସ. ପ୍ରଧାନ, ଏ.ଏସ.ଆଇ ଗୌର ଚନ୍ଦ୍ର ମିଶ୍ର, ଅଙ୍ଗନବାଡି କର୍ମୀ ଓ ସ୍ଥାନୀୟ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ମଞ୍ଚାସୀନ ଅତିଥିମାନେ ସମାଜରେ ଚାଲିଥିବା କୁସଂସ୍କାର, ଅନ୍ଧବିଶ୍ୱାସ, ବାଲ୍ୟ ବିବାହ ଓ ଏ ନେଇ ରହିଥିବା ଆଇନ ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ। କର୍ଚ୍ଚମାଳ ଆଶ୍ରମ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ନୃତ୍ୟଗୀତର ତାଳେ ତାଳେ ସଚେତନତାର ବାର୍ତ୍ତା ଦେଇଥିଲେ। ଚାରାରୋପଣ ଅବସରରେ ୨୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ କିସମର ଗଛ ଲଗାଯାଇଥିଲା ।



କାର୍ଯ୍ୟକ୍ରମରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଅନ୍ୟମାନେ ।

## ସରକାରୀ ଜମିରେ ନିର୍ମାଣ ହେଉଛି ଆବାସ

### ପ୍ରଶାସନ ପାଖରେ ନାହିଁ ଖବର

କୋରୁକୋଣ୍ଡା ୨୩।୮(ଅବିନାଶ ବେହେରା)

ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ହିତାଧିକାରୀଙ୍କୁ ଯୋଗାଇ ଦିଆଯାଉଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନା। କିନ୍ତୁ କେତେକ ସ୍ଥାନରେ ନିୟମ ଉଲ୍ଲଂଘନ କରାଯାଉଥିବା ନଜିର ରହିଛି। ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦର ପଞ୍ଚାୟତ ଅଧୀନ ଏମ୍‌ଭି-୩୧ ଗ୍ରାମରେ ମଧ୍ୟ ନିୟମ ଉଲ୍ଲଂଘନ କରି ସରକାରୀ ଜମିରେ ତିଆରି ଚାଲିଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ। ଫଳରେ ଏ ବିଷୟରେ ପ୍ରଶାସନ ପାଖରେ ଖବର ନାହିଁ।

ସୂଚନାଯୋଗ୍ୟ,ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ହିତାଧିକାରୀଙ୍କୁ ସରକାରଙ୍କ ତରଫରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦିଆଯାଇଛି। କୋରୁକୋଣ୍ଡା ବ୍ଲକ ଅଧୀନରେ ଥିବା ୧୨ ପଞ୍ଚାୟତରେ ୩୫୬୭ ହିତାଧିକାରୀଙ୍କୁ ବାସଗୃହ ଯୋଗାଇ ଦିଆଯାଇଥିବା ବେଳେ ସେଥିରୁ କୋରୁକୋଣ୍ଡା ବ୍ଲକ ସଦର ପଞ୍ଚାୟତ ଅଧୀନରେ ଥିବା ୪୯୬ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦିଆଯାଇଛି। ନିୟମ ଅନୁଯାୟୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ପାଇବା ପାଇଁ ଯୋଗ୍ୟ ହିତାଧିକାରୀଙ୍କ ସମସ୍ତ ନଥିପତ୍ର ସହିତ ଅନ୍ୟାନ୍ୟ ନିୟମ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ତଦନ୍ତ କରିବା ପରେ ଉକ୍ତ ହିତାଧିକାରୀଙ୍କୁ ଯୋଗ୍ୟ ବିବେଚିତ କରି ଆବାସ ଯୋଜନା ୱାର୍କ ଅଡର ଦିଆଯାଉଛି। ଯେଉଁ ହିତାଧିକାରୀଙ୍କୁ ଅଧିକାରୀମାନେ ଚିହ୍ନଟ କରିଛନ୍ତି ସେମାନଙ୍କ ମଧ୍ୟରେ କେତେକଙ୍କର ନିଜସ୍ୱ ଘରବାଡ଼ି ଥିବା ବେଳେ ସେମାନେ ସରକାରଙ୍କ ତରଫରୁ ପାଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଅନ୍ୟତ୍ର ସରକାରୀ ଜମିରେ ନିର୍ମାଣ କରୁଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଯଦି କୌଣସି ହିତାଧିକାରୀଙ୍କର ନିଜ ଜାଗା ନାହିଁ ତେବେ ରାଜସ୍ୱ ବିଭାଗ ତାଙ୍କୁ ଘର ପାଇଁ ଜାଗା ଯୋଗାଇ ଦେବ। ହେଲେ ଏଠି ନିଜ ଘରବାଡ଼ି ଥିଲେ ମଧ୍ୟ ଗୃହ ପାଇଥିବା ହିତାଧିକାରୀ ସରକାରୀ ଜମିରେ ଆବାସ ନିର୍ମାଣ କରୁଛନ୍ତି।

ଏନେଇ କୋରୁକୋଣ୍ଡା ଆର୍‌ଆଇ ପ୍ରଦୀପ କୁମାର ବରାଡଙ୍କୁ ପଚାରିବାରୁ ମୋ ପାଖରେ ଏନେଇ କୌଣସି ଖବର ନାହିଁ । ଯଦି ଏମିତି କିଛି ହୋଇଛି ତେବେ ଅନୁଧ୍ୟାନକରି ପଦକ୍ଷେପ ଗ୍ରହଣ କରାଯିବ। ସେହିପରି ସରକାରଙ୍କ ତରଫରୁ ଆବାସ ପାଇଥିବା କେତେଜଣ ହିତାଧିକାରୀଙ୍କ ନିଜ କୋଠାଘର ରହୁଥିବା ବେଳେ ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମଧ୍ୟ ଘର ପାଇଛନ୍ତି। ଏମିତି କେତେଜଣ ହିତାଧିକାରୀ ରହିଛନ୍ତି ବିବାହ ପରେ ଅନ୍ୟ ଗ୍ରାମକୁ ପଳାଇଥିଲେ ମଧ୍ୟ ତାଙ୍କ ନାମ ଆବାସ ଯୋଜନା ତାଲିକାରେ ରହିଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଉକ୍ତ ଗ୍ରାମରେ ଦୀର୍ଘଦିନ ଧରି ଗୋଟିଏ ପରିବାର ନିଜର ଉତ୍ତରାଧିକାରୀ କେହି ନ ଥିବାରୁ ବୃଦ୍ଧ ଦମ୍ପତି ବହୁ ଅସୁବିଧାରେ ଚଳୁଥିଲେ ମଧ୍ୟ କୌଣସି ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ। ଉକ୍ତ ଦମ୍ପତିଙ୍କର ଗତ ବର୍ଷ ବର୍ଷାଦିନେ ଘର କାନ୍ଥ ପଡ଼ିଯିବାରୁ ସେମାନେ ସରକାରଙ୍କ ତରଫରୁ ମିଳିଥିବା ଆଦର୍ଶ ଗୁହାଳ ଘରେ ରହୁଛନ୍ତି। ହେଲେ କୌଣସି ସ୍ଥାନୀୟ ନେତା କିମ୍ବା ଅଧିକାରୀଙ୍କ ଦୃଷ୍ଟି ନ ପଡିବା ଦୁଃଖର ବିଷୟ। ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ଆମେ କୋରୁକୋଣ୍ଡା ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁରେଶ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ ଉକ୍ତ ଗ୍ରାମକୁ ତଦନ୍ତ ପାଇଁ ଯାଇଥିବା ଅଧିକାରୀଙ୍କ ସହିତ ଆଲୋଚନା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ଗ୍ରାମର ଆବାସ ନିର୍ମାଣ ସମସ୍ୟା ନିମନ୍ତେ କୋରୁକୋଣ୍ଡା ବିଡିଓ ବେଦବ୍ୟାସ ଭୋଇଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ତୁରନ୍ତ ଅଧିକାରୀଙ୍କୁ ପଠାଇ ତଦନ୍ତକରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ ।



ସରକାରୀ ଜମିରେ ହୋଇଥିବା ଘର ।

**ମାଦ୍ୟପାନ କରି ଗାଡ଼ି ଚାଳନା, ୫ ଗାଡ଼ି ଜବତ**

ଜୟପୁର, (ପବନ ପାଣିଗ୍ରାହୀ): ଜୟପୁର ଟାଉନଥାନା ପୋଲିସ ଗାଡି ଯାଞ୍ଚକୁ ଇତି ମଧରେ କଡାକଡି କରିଛି। ବୁଧବାର ସହରର ଗ୍ଲୋକାଲ ହସ୍ପିଟାଲ ଓ ବିକ୍ରମଦେବ ବିଶ୍ୱ ବିଦ୍ୟାଳୟ ନିକଟରେ ଗାଡି ମୋଟର ଯାଞ୍ଚ କରାଯାଇଥିଲା। ଏହି ସମୟରେ ମଦ୍ୟପାନ କରି ଗାଡି ଚଲାଉଥିବାରୁ ପୋଲିସ ଗୋଟିଏ ଅଟୋ ସହ ୪ଟି ବାଇକ୍‌କୁ ଜବତ କରିଛି। ସମ୍ପୃକ୍ତ ୫ ଜଣ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସକୁ ରଦ୍ଦ କରାଯାଇଛି। ସେମାନଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି।

# କୋରାପୁଟରେ ୧୦ ବସଷ୍ଟାଣ୍ଡ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

କୋରାପୁଟ, ୨୩।୮ ( ଅମିତାଭ ବେହେରା )

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର କୋରାପୁଟ ଜିଲାରେ ୧୦ଟି ବସଷ୍ଟାଣ୍ଡ ନିର୍ମାଣ ଲାଗି ବୁଧବାର ଭିଡିଓ କନଫରେନ୍ସ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ଜିଲାର କୋଟପାଡ଼ଠାରେ ନିର୍ମାଣ କାର୍ଯ୍ୟ ସରିଥିବା ନୂତନ ବସଷ୍ଟାଣ୍ଡର ଶୁଭ ଉଦଘାଟନ ମୁଖ୍ୟମନ୍ତ୍ରୀ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଅପରାହ୍ଣ ସାଢେ ୫ଟାରେ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ କୋରାପୁଟ ଜିଲାର ୧୦ଟି ବସ୍‌ଷ୍ଟାଣ୍ଡ ସହ ରାଜ୍ୟର ୨୬ ଜିଲାର ୧୨୪ଟି ବସଷ୍ଟାଣ୍ଡ ନିର୍ମାଣର ଶିଳାନ୍ୟାସ କରିଥିଲେ। କୋରାପୁଟ ଜିଲାରେ ୧୦ଟି ବସଷ୍ଟାଣ୍ଡ ନିର୍ମାଣ ହେଲେ ଜିଲାବାସୀଙ୍କ ଗମନାଗମନ କ୍ଷେତ୍ରରେ ଉଲେଖନୀୟ ସଫଳତା ଆସିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ବସଷ୍ଟାଣ୍ଡ ମଧ୍ୟରେ କୋରାପୁଟ ସଦର ମହକୁମା ର ନୂତନ ବସଷ୍ଟାଣ୍ଡ ସହ ଦଶମନ୍ତପୁର ବ୍ଲକର ପୋଡ଼ଗଡ଼, ଲକ୍ଷ୍ମୀପୁର ବ୍ଲକ ସଦର ମହକୁମା, ନନ୍ଦପୁର ବ୍ଲକ ସଦର ମହକୁମା, ଲମତାପୁଟ ବ୍ଲକ ସଦର ମହକୁମା ,କୁନ୍ଦୁରା ବ୍ଲକ ସଦର ମହକୁମା, ପଟ୍ଟାଙ୍ଗି ବ୍ଲକ ସଦର ମହକୁମା, ବୈପାରିଗୁଡା ବ୍ଲକ ସଦର ମହକୁମା, ନାରାୟଣପାଟଣା ବ୍ଲକ ସଦର ମହକୁମା ଏବଂ ବନ୍ଧୁଗାଁ ବ୍ଲକର ତୁରୁକୁପେଟା ରହିଛି। ଏହି ସବୁ ସ୍ଥାନରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ହେବ। ଏହି ଅବସରରେ ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା , ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ରଘୁରାମ ପଡାଲ , ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି. ପଟ୍ଟାଙ୍ଗି ବିଧାୟକ ପ୍ରିତମ ପାଢ଼ୀ, କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ , ଜିଲାପାଳ ଅବଦାଲ ଏମ୍. ଅକତର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ , ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ମିଶ୍ର , ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପାର୍ବତୀ ମହ୍ତି , ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ଉପସ୍ଥିତ ଥିଲେ।



ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଉପସ୍ଥିତ ଅତିଥି।

## ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ନନ୍ଦପୁର, ୨୩।୮ (ଶଙ୍କର ପୂଜାରୀ)

ନନ୍ଦପୁର ସିଦ୍ଧେଦେବୀ ସ୍ନାତକ କଲେଜରେ ବୁଧବାର ଯୁକ୍ତ ୩ ପ୍ରଥମ ବର୍ଷର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଅଧ୍ୟକ୍ଷ ଅମର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭଗବାନ ପେଟିଆ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ସଦସ୍ୟ ସାମୁଏଲ ଦଳପତି, ଅଧ୍ୟାପିକା ସ୍ନେହଲତା ସେଠୀ, ଏମ୍. ଜୟା, ସୁରଭି ପାଣିଗ୍ରାହୀ, ଆକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ନିଜକୁ ଶୃଙ୍ଖଳିତ କରି ଅଧ୍ୟୟନ ଦ୍ୱାରା ନିଜ ଭବିଷ୍ୟତ ଗଠନ କରିବାକୁ ସଭାପତି ପେଟିଆ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ମହାପାତ୍ର ଶୃଙ୍ଖଳିତ ଛାତ୍ରୀଛାତ୍ର ଶିକ୍ଷାକ୍ଷେତ୍ର ସହ ସାମାଜିକ କ୍ଷେତ୍ରରେ ମଧ ପ୍ରଶଂସିତ ହୁଅନ୍ତି ବୋଲି ପ୍ରକାଶ କରି ମହାବିଦ୍ୟାଳୟ ପରିସରର ନିୟମ ସମ୍ପର୍କରେ ସୂଚନା ଦେଇଥିଲେ।

## ସଂକ୍ଷେପରେ

### ଚୋରା କାଠ ଚାଲାଣବେଳେ ଚଢ଼ାଉ, ଜଣେ ଗିରଫ



ଜୟପୁର, ୨୩।୮ (ପବନ ପାଣିଗ୍ରାହୀ)

ଚୋରା କାଠ ଚାଲାଣ ବେଳେ ଜୟପୁର ସଦର ପୋଲିସ ଚଢାଉ କରି ଏହାକୁ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ କୁନ୍ଦୁରାର ସନ୍ତୋଷ ସଗରିଆ (୨୦)। ସଦର ପୋଲିସ ବାଗ୍ରାଗୁଡାଠାରେ ଗାଡି ମୋଟର ଯାଞ୍ଚ କରୁଥିବା ବେଳେ କୁନ୍ଦୁରା ପଟୁ ୩ଟି ବାଇକରେ ୩ଜଣ କାଠ ଧରି ଆସୁଥଲେ । ପୋଲିସକୁ ଦେଖି ସେମାନେ ବାଇକ ଓ କାଠ ଛାଡି ଦେଇ ଧାନ ଜମି ଭିତରେ ପଶି ଫେରାର ହୋଇଯାଉଥିଲେ। ଏହି ସମୟରେ ପୋଲିସ ସନ୍ତୋଷଙ୍କୁ ଧରିବାରେ ସଫଳ ହୋଇଛି। ୩ଟି ବାଇକ୍‌ରୁ ୪୧ଟି ସାଇଜ ଶାଳକାଠ, ୧୩ଟି ପଟା ସହ ବାଇକ୍‌ଗୁଡିକୁ ଜବତ କରିଛି। ସନ୍ତୋଷଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

### ଟ୍ରାଫିକ୍ ବ୍ୟବସ୍ଥା ନିୟନ୍ତ୍ରଣ ନେଇ ଏସ୍‌ପି ଙ୍କୁ ଦାବିପତ୍ର

କୋରାପୁଟ, ୨୩।୮ ( ଅମିତାଭ ବେହେରା )

କୋରାପୁଟ ସହରର ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ପାଇଁ ସହରର ବୁଦ୍ଧିଜୀବୀମାନେ ବୁଧବାର ଏକ ଦାବିପତ୍ର ଏସ୍‌ପି ଅଭିନବ ସୋନକାରଙ୍କୁ ପ୍ରଦାନ କରିଛନ୍ତି। ବିଦ୍ୟାଧର ଚୌଧୁରୀ, ସିଏଚ ସାନ୍ତାକାର, ତ୍ରିନାଥ ଗୁରୁ, ଏମ ଖୋସାଲାଙ୍କ ନେତୃତ୍ୱରେ ସହରର ବହୁ ବୁଦ୍ଧିଜୀବୀ ଏସ୍‌ପି ସୋନକାରଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରି ଦାବିପତ୍ର ଦେଇଥିବା ଜଣାପଡିଛି। କୋରାପୁଟ ସହରର ପୂଜାରୀପୁଟ, କେନ୍ଦ୍ରୀୟ ବିଦ୍ୟାଳୟ, ମେଡିକାଲ ରୋଡ଼, ମାଳିସାହି, ଡିଏନକେ ଛକ, ଗୌତମ ନଗର, ଜଗନ୍ନାଥ ମନ୍ଦିର ଛକ , ପାରଜାସାହି ଛକ, କଳା ନିକେତନ ଛକ, ଶୋଭା ଛକ, ଗୁଣ୍ଡିଚା ଛକ,ଗାନ୍ଧୀନଗର ଆଦି ଅଞ୍ଚଳରେ ପିଲାମାନେ ଦ୍ରୁତ ଗତିରେ ବାଇକ ଚଳାଇବା ଯୋଗୁ ବିଭିନ୍ନ ସମୟରେ ଅନେକ ଛୋଟବଡ଼ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଏଥିଯୋଗୁ ଜନସାଧାରଣଙ୍କ ଯାତାୟାତରେ ମଧ ବିପଦ ସୃଷ୍ଟି ହେଉଛି। ଏହାକୁ ରୋକିବା ସହ ଗାଡି ଚଳାଉଥିବା ପିଲାମାନଙ୍କ ଡ୍ରାଇଭିଂ ଲାଇସେନ୍ସ ଯାଞ୍ଚ କରିବା, ଟ୍ରାଫିକ ନିୟମ ଉଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ବେଆଇନ ଭାବେ ରାସ୍ତା କଡରେ ବସି ବ୍ୟବସାୟ କରି ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନଷ୍ଠାନ ଗ୍ରହଣ କରିବା ଲାଗି ବୁଦ୍ଧିଜୀବୀମାନେ ଆଲୋଚନା ବେଳେ ଏସ୍‌ପିଙ୍କୁ ଅବଗତ କରାଇଥିଲେ।

### ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ

କୋରାପୁଟ, ୨୩।୮ (ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗ ପକ୍ଷରୁ ସୁନାବେଡ଼ା କ୍ୟାମ୍ପସ ପରିସରରେ 'ସାମାଜିକ ବିଜ୍ଞାନ ଅନୁସନ୍ଧାନ ପାଇଁ ପ୍ରଭାବଶାଳୀ ଗବେଷଣା ପ୍ରସ୍ତାବ ପ୍ରସ୍ତୁତି' ଶୀର୍ଷକ ଏକ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟର ସମାଜବିଜ୍ଞାନ ବିଭାଗର ପ୍ରଫେସର ପ୍ରଦୀପ ପରିଡ଼ା ଅତିଥି ରୂପେ ଯୋଗଦେଇ ବକ୍ତୃତା ପ୍ରଦାନକରି ଏକାଡେମିକ ଗବେଷଣାର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ବିଜ୍ଞାନ ତୁଳନାରେ ସାମାଜିକ ବିଜ୍ଞାନର ପୂର୍ବାନୁମାନ ବହୁତ କମ୍ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ସାମାଜିକ ବିଜ୍ଞାନ କ୍ଷେତ୍ରରେ ଶ୍ରେଷ୍ଠ ଗବେଷଣା କାର୍ଯ୍ୟ ପାଇଁ ଛାତ୍ରୀଛାତ୍ର ଓ ଗବେଷକମାନେ ବିଭିନ୍ନ କୌଶଳ ଶିଖିବା ସହ ସେମାନଙ୍କ ଦକ୍ଷତା ବୃଦ୍ଧି କରିବେ ବୋଲି ଆଶା ପ୍ରକାଶ କରିଥିଲେ। ପ୍ରଫେସର ସୁଧେନ୍ଦୁ ମଣ୍ଡଳ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଆସୋସିଏଟ୍ ପ୍ରଫେସର ଡ. କପିଳା ଖେମୁଣ୍ଡୁ ସ୍ୱାଗତ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୋଟସର ପ୍ରଫେସର ରବିନାରାୟଣ ପାତ୍ର, ବିଶ୍ୱବିଦ୍ୟାଳୟର ପରିସଂଖ୍ୟାନ ବିଭାଗ ପ୍ରଫେସର ଶ୍ରୀଜୀବ ଭୂଷଣ ବାଗ୍‌ଚୀ, ଅଧ୍ୟାପକ ଡ. ଆଦିତ୍ୟ କେଶରୀ ମିଶ୍ର ଓ ଡ. ନୂପୁର ପଟ୍ଟନାୟକ, ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ରାଲେଗଡ଼ା ଯୋଡ଼ିମାଦିଲି ଘାଟିରେ ଓଲଟିଲା ବସ୍

## ସୁରକ୍ଷିତ ଭାବେ ଉଦ୍ଧାରହେଲେ ୩୮ ଯାତ୍ରୀ

ପଟ୍ଟାଙ୍ଗ, ୨୩।୮ (ଶରତ ଧଳ)

ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଓଏସ୍‌ଆର୍‌ଟିସି ବସ୍ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର ରାଲେଗଡ଼ା ଯୋଡ଼ିମାଦିଲି ଘାଟିରେ ଓଲଟି ପଡିଛି। ତେବେ ସମସ୍ତ ଯାତ୍ରୀ ସୁରକ୍ଷିତ ରହିଛନ୍ତି। ଖବରରୁ ଜଣାପଡିଛି, ଆନ୍ଧ୍ରର ବିଶାଖାପାଟଣାରୁ କଳାହାଣ୍ଡି ଜିଲାର ଭବାନୀପାଟଣା ଅଭିମୁଖେ ଯାଉଥିବା ଓଏସ୍‌ଆର୍‌ଟିସି ବସ୍ (ଓଡି୦୮ଆର–୧୯୫୧) ବିଳମ୍ବିତ ରାତି ପ୍ରାୟ ସାଢେ ଗୋଟାଏରେ ଉପରୋକ୍ତ ଘାଟି ଚଢୁଥିବା ବେଳେ ହଠାତ୍ ତଳକୁ ଗଡ଼ିବା ଆରମ୍ଭ କରିଥିଲା। ଡ୍ରାଇଭର ବ୍ରେକ୍ ମାରିଥିଲେ ମଧ ବସ୍‌ଟି ଅଟକି ନ ଥିଲା । ବସ୍ ଡାହାଣ ଦିଗକୁ ରହିଥିବା ଏକ ବଡ଼ ଖାଲକୁ ଖସିବା ପୂର୍ବରୁ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ବସ୍‌ଟି ବାମ ଦିଗରେ ରହିଥିବା ପାହାଡ଼କୁ ଧକ୍କାଦେଇ ଜାତୀୟ ରାଜପଥ ଉପରେ ଓଲଟି ପଡିଥିଲା। ତେବେ ସୌଭାଗ୍ୟବଶତଃ ବସ୍‌ରେ ଥିବା ସମସ୍ତ ୩୮ ଜଣ ଯାତ୍ରୀଙ୍କ କିଛି କ୍ଷତି ହୋଇନାହିଁ। ଖବର ପାଇ ସ୍ଥାନୀୟ ଥାନାଧିକାରୀ ଚତୁର୍ଭୁଜ ନାୟକ ସହକର୍ମୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ବସ୍ ଭିତରୁ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାରକରି ଅନ୍ୟ ଏକ ବସ୍ ଯୋଗେ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ପଠାଇଥିଲେ। ଦୁର୍ଘଟଣା ସମ୍ପର୍କରେ ବସ୍ ଡ୍ରାଇଭର ମଧୁସୂଦନ ସିଂ କହନ୍ତି, ବସ୍ ଘାଟି ଚଢୁଥିବା ବେଳେ ବସ୍‌ର ପ୍ରେସର ପାଇପ ଫାଟିଯାଇଥିଲା। ଫଳରେ ବସ୍ ବ୍ରେକ୍ ଧରି ନ ଥିଲା। ପରେ ଭାରସାମ୍ୟ ହରାଇ ବସ୍‌ଟି ପାହାଡ଼କୁ ଧକ୍କାଦେଇ ଓଲଟି ପଡିଥିଲା ବୋଲି ସିଂ କହିଛନ୍ତି।



ଘାଟିରେ ଓଲଟି ପଡିଥିବା ବସ୍।

## ନିଶାଠାରୁ ଦୂରେଇ ରହିବାକୁ ନାଟକ ମାଧ୍ୟମରେ ସଚେତନତା

ନନ୍ଦପୁର, ୨୩।୮ (ଶଙ୍କର ପୂଜାରୀ)

କୋରାପୁଟ ଜିଲା ଅବକାରୀ ଅଧୀକ୍ଷକ ଅରୁଣ ପାଢୀଙ୍କ ନିର୍ଦ୍ଦେଶରେ ନନ୍ଦପୁର ଅବକାରୀ ବିଭାଗ ପକ୍ଷରୁ ଉମ୍ମେଲ ପଞ୍ଚାୟତ ସଦର ମହକୁମାରେ ଲୋକଙ୍କୁ ନିଶା ସେବନରୁ ଦୂରେଇ ରହିବା, ମଦ ଗଞ୍ଜେଇ ସେବନ ଓ ବିକ୍ରି ପରର ଭୟାବହତା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ନାଟକ ମାଧ୍ୟମରେ ଏ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। କୋରାପୁଟ ଅବକାରୀ ଅଞ୍ଚଳ ନିରୀକ୍ଷକ ପ୍ରମୋଦ ବାଣୁଆ, ନନ୍ଦପୁର ଅବକାରୀ ନିରୀକ୍ଷକ ଅଭୟ ନାୟକ ଉପସ୍ଥିତ ରହି ଗ୍ରାମବାସୀଙ୍କୁ ନିଶା ସେବନ ଦ୍ୱାରା ନିଜ ସ୍ୱାସ୍ଥ୍ୟ ଓ ପରିବାରର ସ୍ଥିତି କିପରି ଦୁର୍ବଳ ହେଉଛି ବୁଝାଇଥିଲେ। ନିଶାଦ୍ରବ୍ୟ ମଦ, ଗଞ୍ଜେଇ କାରବାର ବେଳେ ଧରାପଡ଼ି ଲୋକେ କିଭଳି ମାମଲାରେ ଛନ୍ଦିହୋଇ ଆର୍ଥିକ ଓ ମାନସିକ ଚାପରେ ରହୁଛନ୍ତି ସେ ସମ୍ପର୍କରେ ଉଭୟେ ଆଲୋକପାତ କରିଥିଲେ। କୋରାପୁଟ ସାଂସ୍କୃତିକ ପରିଷଦର କଳାକାରମାନେ ମଦ ଗଞ୍ଜେଇ ଓ ଅନ୍ୟ ନିଶା ସେବନ ଓ କାରବାର ଯୋଗୁ ହେଉଥିବା କ୍ଷତି ସମ୍ପର୍କରେ ନାଟକ ପରିବେଷଣ କରି ଲୋକଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ, ସମିତିସଭ୍ୟ, ୱାର୍ଡ ସଭ୍ୟଙ୍କ ସହ ଏଏସ୍‌ଆଇ ରାମ ବଡ଼ନାୟକ କନଷ୍ଟେବଳ ଦେବେନ୍ଦ୍ର ଖରା, ମିହିର ମକସଦ ଅଲ୍ଲି, ଜ୍ଞାନରଞ୍ଜନ ଦୀକ୍ଷିତ, ତ୍ରିଲୋଚନ ସିଂ, ଗଙ୍ଗା ଶଙ୍କର, ସୁମନ ଦମନ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଉଭୟ ନନ୍ଦପୁର ଓ ଲମତାପୁଟ ବ୍ଲକର ଅନ୍ୟ ଅଞ୍ଚଳରେ ଏଭଳି କାର୍ଯ୍ୟକ୍ରମ କରାଯାଇ ଲୋକଙ୍କୁ ସଚେତନ କରାଯିବ ବୋଲି ବାଣୁଆ କହିଛନ୍ତି।

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ପ୍ରେସ କ୍ଲବ ପକ୍ଷରୁ ଚନ୍ଦ୍ରୟାନ –୩ ସଫଳ ଅବତରଣ ନେଇ ଇସ୍ରୋର ବୈଜ୍ଞାନିକଙ୍କୁ ଶୁଭେଚ୍ଛା

କୋରାପୁଟ, ୨୩।୮ (ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଓ କୋରାପୁଟ ପ୍ରେସ କ୍ଲବ ପକ୍ଷରୁ ଚନ୍ଦ୍ରୟାନ –୩ ସଫଳ ଭାବେ ଚନ୍ଦ୍ରରେ ଅବତରଣ କରିଥିବାରୁ ଇସ୍ରୋର ସମସ୍ତ ବୈଜ୍ଞାନିକଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଚନ୍ଦ୍ରଯାନ–୩ ଚନ୍ଦ୍ରରେ ସଫଳ ଅବତରଣ ଅବସରରେ ଇସ୍ରୋର ବୈଜ୍ଞାନିକ ଟିମ୍‌କୁ ସେମାନଙ୍କ କଠିନ ପରିଶ୍ରମ ଏବଂ ସମର୍ପଣ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି କୋରାପୁଟ ପ୍ରେସ କ୍ଲବ ସଭାପତି ଭବାନୀ ଶଙ୍କର ମିଶ୍ର ଓ ସମ୍ପାଦକ ଅମିତାଭ ବେହେରାଙ୍କ ସମେତ ସମସ୍ତ ସଦସ୍ୟ ଇସ୍ରୋର ସମସ୍ତ ବୈଜ୍ଞାନିକମାନଙ୍କୁ ଶୁଭେଚ୍ଛା ଜଣାଇ ସେମାନଙ୍କ କଠିନ ପରିଶ୍ରମକୁ ସମ୍ମାନ ଦେଇଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ



ଦୁର୍ଘଟଣା ପରେ ପଡି ରହିଥିବା ବାଇକ୍।

ପଟ୍ଟାଙ୍ଗି, ୨୩।୮ (ଶରତ ଧଳ)

ଏକ ଅଜଣା ଗାଡ଼ିରେ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ବୁଧବାର ଏହାକୁ ନେଇ ଘଟଣା ସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି । ମୃତକ ହେଲେ ବିଶ୍ୱନାଥ ଗେମେଲ। ତାଙ୍କ ଘର କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ତଥା କୋଟିଆ ଥାନା ଅଧୀନ ଉପର ଗଞ୍ଜେଇ ପଦର ଗ୍ରାମରେ। ବିଶ୍ୱନାଥ ନିଜ ବାଇକ୍ (ଓଡ଼ି ୧୦ଆର ୦୯୦୪) ଯୋଗେ କୌଣସି କାମରେ ଜଣେ ଯୁବକ ଜହନ ଗେମେଲ ଙ୍କୁ ସାଙ୍ଗରେ ଧରି ପଟ୍ଟାଙ୍ଗି ଯାଇ ନିଜ ଗ୍ରାମକୁ ଫେରୁଥିଲେ। ଏହି ସମୟରେ କୁନ୍ଦୁଲି ସାପ୍ତାହିକ ହାଟରୁ କୋଟିଆ ପଞ୍ଚାୟତକୁ ସଂଯୋଗ ରାସ୍ତାର ଗେଲାଗୁଡା ଗ୍ରାମ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଅଜଣା ଗାଡ଼ି ତାଙ୍କ ବାଇକ୍‌କୁ ସମ୍ମୁଖ ଭାଗରୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଗାଡିଟି ଘଟଣା ସ୍ଥଳରୁ ଫେରାର ହୋଇଯାଇଛି। ଘଟଣା ସ୍ଥଳରେ ବାଇକ୍‌ଟି ପଡି ରହିଥିବା ବେଳେ ବାଇକ୍ ଆରୋହୀ ବିଶ୍ୱନାଥଙ୍କ ମୃତ୍ୟୁ ହୋଇଯାଇଥିବା ଜଣାପଡିଛି। ଜହନ ଆହତ ହୋଇଛନ୍ତି। ତାଙ୍କୁ କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବର ପାଇ ସ୍ଥାନୀୟ ଥାନାଧିକାରୀ ଚତୁର୍ଭୁଜ ନାୟକ, ଏଏସ୍‌ଆଇ ନରସିଂଘ ଦୋରା ଏବଂ ଅନ୍ୟ ପୋଲିସ କର୍ମଚାରୀ ଘଟଣା ସ୍ଥଳରେ ତଦନ୍ତ ଆରମ୍ଭ କରିଛନ୍ତି। କୁନ୍ଦୁଲି ସାପ୍ତାହିକ ହାଟର ଦୋକାନଗୁଡିକରେ ଲାଗିଥିବା ସିସି କ୍ୟାମେରା ଯାଞ୍ଚ କରି ପୋଲିସ ତଦନ୍ତ କରୁଛି। ଅନ୍ୟପକ୍ଷରେ ମୃତକଙ୍କ ପରିବାର ଦୁର୍ଘଟଣା ଘଟାଇଥିବା ଗାଡ଼ି ଯେ ପର୍ଯ୍ୟନ୍ତ ଧରା ନ ପଡିଛି ସେପର୍ଯ୍ୟନ୍ତ ମୃତଦେହ ନେବୁନାହିଁ ବୋଲି ଅଡି ବସିଛନ୍ତି। ପୋଲିସ ପରିବାର ଲୋକ ଏବଂ ଗ୍ରାମବାସୀଙ୍କୁ ବୁଝାଶୁଝା କରୁଥିବା ବେଳେ ଶେଷରେ ଦୁର୍ଘଟଣା ଘଟାଇଥିବା ଗାଡି ମିଳିଛି। ଗାଡିଟି କୋଟିଆ ପଞ୍ଚାୟତର ଥୁରିଆ ଗ୍ରାମର ବୋଲି ଜଣାପଡିଛି। ପରିବାର ଓ ଗ୍ରାମବାସୀ ବିଶ୍ୱନାଥଙ୍କ ମୃତଦେହ ଧରି ଗ୍ରାମକୁ ଯାଇଛନ୍ତି।

# ଅବରୋଧ ବିରୋଧରେ ଥାନାରେ ଅଭିଯୋଗ କଲେ ଲୋକେ

## ପାଣିନାଳକୁ ନେଇ ବିବାଦ

ଦାମନଯୋଡି, ୨୩।୮ (ରାଧାକାନ୍ତ ବ୍ରହ୍ମା)

କୋରାପୁଟ ବ୍ଲକ ଅନ୍ତର୍ଗତ ମାଥାଲପୁଟ ଗ୍ରାମର ପୂର୍ବରୁ ରହିଥିବା ଏକ ପାଣିନାଳକୁ କେତେଜଣ ବ୍ୟକ୍ତି ଅବରୋଧକରି ନାଳକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଚେଷ୍ଟା କରୁଛନ୍ତି। ଫଳରେ ଏନେଇ ଦୁଇ ସାହି ମଧ୍ୟରେ ଉତ୍ତେଜନା ଲାଗି ରହିଛି। ଏ ନେଇ ଦାମନଯୋଡି ଥାନାରେ ଗ୍ରାମବାସୀ ବୁଧବାର ଅଭିଯୋଗ କରିଛନ୍ତି।

ଖବରରୁ ଜଣାପଡିଛି, ମାଥାଲପୁଟ ମାର୍କେଟର ପଛ ଲାଇନ ଓ ତାହାର ପଛ ସାହିର ମଝିରେ ଏକ ପାଣିନାଳ ରହିଛି। ଏଥିସହ ଏଠାରେ ଏକ ରାସ୍ତା ବଙ୍ଗଳାପଦା ମୁଖ୍ୟ ରାସ୍ତାଠାରୁ ତ୍ରିନାଥ ମନ୍ଦିର ପର୍ଯ୍ୟନ୍ତ ରହିଛି। ଏହାକୁ ଜମି ମାଲିକ ସ୍ୱର୍ଗତ ଗଣନାଥ ପଣ୍ଡା ଜମି ବିକ୍ରୟ ବେଳେ ଛାଡିଥିଲେ। ଏହି ନାଳରେ ବର୍ଷାପାଣି ସହ ଦୁଇସାହିର ଘରୋଇ ବ୍ୟବହୃତ ପାଣି ନିଷ୍କାସିତ ହୋଇଥାଏ। ଏବେ ଉଭୟ ସାହିର କେତେଜଣ ବ୍ୟକ୍ତି ନାଳ ଓ ରାସ୍ତାକୁ ମଝିରେ ମଝିରେ ପାଚେରି କରି, ଘର କରି ଅବା ମାଟି ପକାଇ ନିଜ ସ୍ୱାର୍ଥ ପାଇଁ ଅବରୋଧ କରି ରଖିଛନ୍ତି। ଫଳରେ ବର୍ଷା ପାଣି ଓ ଘରୋଇ ବ୍ୟବହୃତ ପାଣି ନିଷ୍କାସିତ ହୋଇ ନ ପାରି ଦୁର୍ଗନ୍ଧ ପାଣି ଘର ଭିତରେ ପଶୁଛି। ଘରର ଆସବାବପତ୍ର ନଷ୍ଟ ହେଉଛି। ମଶା ମାଛି ପ୍ରାଦୁର୍ଭାବ ବଢ଼ି ଡେଙ୍ଗୁ,ମ୍ୟାଲେରିଆ, ଝାଡ଼ାବାନ୍ତି ଆଦି ରୋଗରେ ଲୋକେ ଆକ୍ରାନ୍ତ ହେଉଛନ୍ତି। ଏ ନେଇ ସାହିବାସିନ୍ଦା ସ୍ଥାନୀୟ ସରପଞ୍ଚ, ଜିଲା ପରିଷଦ ସଭ୍ୟ,ବିଡିଓ, ତହସିଲଦାର ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଉକ୍ତ ସମସ୍ୟା ଶୀଘ୍ର ସମାଧାନ କରା ନ ଗଲେ ଆଗକୁ ପରିସ୍ଥିତି ଜଟିଳ ହେବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

# ପୂର୍ବତନ ସମ୍ପାଦକଙ୍କ ଜାଲ୍ ଦସ୍ତଖତରେ ଚାକିରି ଅଭିଯୋଗ

ସୁନାବେଡ଼ା, ୨୩।୮ (କୃତ୍ତିବାସ ପ୍ରଧାନ)

ସୁନାବେଡ଼ା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଦ୍ୟାଳୟ ପୂର୍ବତନ ସମ୍ପାଦକଙ୍କ ଜାଲ୍ ଦସ୍ତଖତ କରି ୨ଜଣ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇଥିବା ଜଣାପଡିଛି। ଏନେଇ ପୂର୍ବତନ ସମ୍ପାଦକ ଅଯୋଧ୍ୟାନାଥ ସାମଲ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ୨୦୧୦ରେ ତାଙ୍କ ଦସ୍ତଖତକୁ ଜାଲିଆତି କରି ୨ ଜଣଙ୍କୁ ତତ୍କାଳୀନ ଅଧ୍ୟକ୍ଷ ନିଯୁକ୍ତି ଦେଇଛନ୍ତି। କିଛିଦିନ ତଳେ ସେ ଏ ସମ୍ପର୍କରେ ଜାଣିବାକୁ ପାଇଛନ୍ତି। ଏନେଇ ସେ ତତ୍କାଳୀନ ସଭାପତି ତଥା ବର୍ତ୍ତମାନର ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଓ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସାମଲ କହିଛନ୍ତି। ୧୯୯୪ରେ ନିର୍ମାଣ କରାଯାଇଥିଲା ଏହି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ। ୨୦୧୧ରେ ସରକାର ଏହାକୁ ହାତକୁ ନେବା ପରେ ଏହାର ପରିଚାଳନା କମିଟି ଭାଙ୍ଗିଯାଇଥିଲା। ତେବେ ସରକାରଙ୍କ ପକ୍ଷରୁ ଯାହାକୁ ଅଧ୍ୟକ୍ଷ ଭାର ପ୍ରଦାନ କରାଯାଇଥିଲା ସେ ପୂର୍ବତନ ସମ୍ପାଦକଙ୍କ ହସ୍ତାକ୍ଷରକୁ ଜାଲ୍ କରି କେତେଜଣ ବ୍ୟକ୍ତିଙ୍କୁ ନିଯୁକ୍ତି ପ୍ରଦାନ କରିଥିଲେ। ନିଯୁକ୍ତି ପାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଜଣେ ପଦାର୍ଥ ବିଜ୍ଞାନ ବିଭାଗ ଲାବ୍ ସହାୟକ ଥିବା ବେଳେ ଅନ୍ୟ ଜଣେ ଗଣିତ ବିଭାଗର ଅଧ୍ୟାପକ ରହିଛନ୍ତି। ଗଣିତ ବିଭାଗରେ ପୂର୍ବରୁ ଜଣେ ସ୍ଥାୟୀ ଅଧ୍ୟାପକ ରହିଥିବା ବେଳେ ପୁଣି ଅନ୍ୟ ଜଣଙ୍କୁ ଅତିଥି ଅଧ୍ୟାପକ ରୂପେ ନିଯୁକ୍ତି କରାଯିବା ନେଇ ସାମଲ ପ୍ରଶ୍ନ ଉଠାଇଛନ୍ତି। ଏହି ବିଭାଗରେ ସ୍ଥାୟୀ ଅଧ୍ୟାପକ ଥାଇ ମଧ କାହିଁକି ଆଉ ଜଣକୁ ଅତିଥି ଅଧ୍ୟାପକ ରୂପେ ଦୀର୍ଘ ବର୍ଷ ଧରି ଦରମା ପ୍ରଦାନ କରାଯାଉଥିଲା ବୋଲି ସାମଲ ପ୍ରଶ୍ନ ଉଠାଇ ଏହାର ତଦନ୍ତ ଦାବି କରିଛନ୍ତି। ଅପରପକ୍ଷରେ ଏ ସମ୍ପର୍କରେ ବର୍ତ୍ତମାନର ଅଧ୍ୟକ୍ଷା ଇନ୍ଦିରା ପ୍ରିୟଦର୍ଶିନୀ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ମୁଁ ୨ ମାସ ହେବ ଏଠାରେ ଯୋଗଦେଇଛି। ଏ ସବୁ ବିଷୟରେ କିଛି ଜାଣିନାହିଁ । ତା'ଛଡ଼ା ଡାଇରେକ୍ଟର ହେଉଛନ୍ତି ବିଭାଗର ଅଥରିଟି। ସେ ଯାହା ଚିଠି କରିଛନ୍ତି ତାକୁ ସେ କେବଳ ଅନୁପାଳନ କରିଛନ୍ତି। ଏ ସମ୍ପର୍କରେ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ପଚାରିବାରୁ ସେ ସମୟରେ ହୋଇଥିବା ଅନିୟମିତତାକୁ ସ୍ୱୀକାର କରିଥିଲେ। ଏନେଇ ସେ ବିଭାଗୀୟ ନିର୍ଦ୍ଦେଶକ ଏବଂ ଭିଜିଲାନ୍ସ ତଦନ୍ତ ଲାଗି ଚିଠି ଲେଖିଛନ୍ତି ବୋଲି କହିଛନ୍ତି।

# କଂଗ୍ରେସ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ



ନନ୍ଦପୁରରେ କଂଗ୍ରେସ କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ବାହାରିଛନ୍ତି।

ନନ୍ଦପୁର/ସେମିଳିଗୁଡ଼ା, ୨୩।୮ (ଶଙ୍କର ପୂଜାରୀ/ବାସୁଦେବ ବରାଡ)

ନନ୍ଦପୁର ବ୍ଲକ କଂଗ୍ରେସ ପକ୍ଷରୁ ବୁଧବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶାସନ ବ୍ୟବସ୍ଥାକୁ ବିରୋଧକରି ଦରଦାମ ବୃଦ୍ଧି, ବେକାରି ସମସ୍ୟା, ଟାଟା ପାୱାରର ମନମୁଖି କାର୍ଯ୍ୟ, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ପିସି କାରବାର ଆଦି ଅଭିଯୋଗ ଆଣି ଏହି ଘେରାଉ କରାଯାଇଥିଲା। ବ୍ଲକ ସଭାପତି କାମେସ କାମୁଡିଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରୁ ଶୋଭାଯାତ୍ରାରେ ବାହାରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ଏମ୍‌ପି ପ୍ରତିନିଧି ଗୋପାଳ ମାଟାମ, ନିର୍ବାଚନ ମଣ୍ଡଳୀ ସଂଯୋଜକ ରାମକୃଷ୍ଣ ପଡାଲ, ରେଲି ଶିଶା, କେଶବ ଖରା, ମଦନ ହାଡପୁଟିଆ ପ୍ରମୁଖ ଉଦ୍‌ବୋଧନ ଦେଇ ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତ ରହି କାର୍ଯ୍ୟ କରିବାକୁ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ବିଡିଓ ସୁଜିତ ମିଶ୍ରଙ୍କୁ ସଭାପତି କାମେସ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏହାକୁ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ କାର୍ଯ୍ୟାଳୟକୁ ପ୍ରେରଣ କରାଯିବ ବୋଲି ବିଡିଓ ମିଶ୍ର କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ସରପଞ୍ଚ ଧନପତି ଶିଶା, ଯୋଗେନ୍ଦ୍ର ଖେମୁଣ୍ଡୁ, ବାବୁରାଓ ଖରା, କଂଗ୍ରେସ କମିଟିର ସମସ୍ତ ପଞ୍ଚାୟତ ସଭାପତି, ସରପଞ୍ଚ, ସମିତି ସଭ୍ୟ ଓ କର୍ମୀମାନେ ଉପସ୍ଥିତ ଥିଲେ।

ସେମିଳିଗୁଡ଼ାରେ ମଧ ବୁଧବାର ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶାସନ ବ୍ୟବସ୍ଥାକୁ ବିରୋଧ କରାଯାଇ ବ୍ଲକ କାର୍ଯ୍ୟଳୟ ଘେରାଉ କରାଯାଇଥିଲା। ବ୍ଲକ ସଭାପତି ସନିଆ ମାଝିଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ନାଲ୍‌କୋ ଛକଠାରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚି କାର୍ଯ୍ୟାଳୟ ଘେରାଉ କରିଥିଲେ। ଜିଲା ସଭାପତି ଦୁର୍ଗା ଶଙ୍କର ସାହୁ, ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ,ସାମାଜିକ କର୍ମୀ ସାମ୍ବ ପାଙ୍ଗୀ ଉପସ୍ଥିତ କର୍ମୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ପରେ ବିଡିଓ ସବ୍ୟସାଚୀ ବେହେରାଙ୍କୁ ବ୍ଲକ କଂଗ୍ରେସ ସଭାପତି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ସେମିଳିଗୁଡା ବ୍ଲକ ଜୋନ–୧ ଜିଲା ପରିଷଦ ସଭ୍ୟା ଯଶୋଦା ଖିଲ, ଜିଲା ପରିଷଦ ସଭ୍ୟ ମୋହନ ଜାନି ,ରାଜପୁଟ ସରପଞ୍ଚ ପୀତାମ୍ବର କିର୍ଷାନୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଶିକ୍ଷୟିତ୍ରୀଙ୍କ ବେକରୁ ସୁନାଚେନ୍ ଲୁଟ୍

ନବରଙ୍ଗପୁର,(ସଦାଶିବ ପ୍ରହରାଜ): ନବରଙ୍ଗପୁର ଗଦବାଗୁଡା ସାହିର ରାଜ୍ୟପାଳ ପୁରସ୍କୃତପ୍ରାପ୍ତ ପ୍ରାକ୍ତନ ଶିକ୍ଷୟିତ୍ରୀ ଜେମାମଣି ବିଶୋଇଙ୍କ ବେକରୁ ୪ ଭରି ଓଜନର ଏକ ସୁନା ଚେନ୍ ଦୁର୍ବୃତ୍ତ ଟାଣି ନେଇଥିବା ଅଭିଯୋଗ ହୋଇଛି। ବୁଧବାର ଅପରାହ୍ନ ୨ଟା ୨୦ରେ ଶିକ୍ଷୟିତ୍ରୀ ଜଣକ ଶାସ୍ତ୍ରୀ ଭବନରୁ ଘରକୁ ଏକ ଅଟୋ ରିକ୍ସାରେ ଫେରିଥିଲେ । ଘର ପାଖରେ ଅଟୋ ପହଞ୍ଚିବା ମାତ୍ରେ ୩ ଜଣ ଯୁବକ ମୋଟରସାଇକଲରେ ଆସି ତାଙ୍କ ବେକରୁ ସୁନା ଚେନ ଟାଣି ନେଇ ଚାଲି ଯାଇଥିଲେ। ଏ ନେଇ ନବରଙ୍ଗପୁର ଥାନାରେ ଲିଖିତ ଅଭିଯୋଗ ପରେ କେସ ନମ୍ବର ୩୫୮/୨୩ରେ ମାମଲା ରୁଜୁ ହୋଇଛି । ଥାନା ଅଧିକାରୀ ସମ୍ପିତ କୁମାର ବେହେରା ଘଟଣାର ତଦନ୍ତ କରୁଛନ୍ତି ।

## ଅଧା ଦିନ ବନ୍ଦ ରହୁଛି ଆଧାର କେନ୍ଦ୍ର, ବଢୁଛି ଅସନ୍ତୋଷ

ଗୁଣପୁର,୨୩।୮(ପ୍ରଦୀପ କୁମାର ପାଢ଼ୀ)

ବହୁ ଦାବି ପରେ ଗୁଣପୁର ଟେଲିଫୋନ ଏକ୍ସଚେଞ୍ଜ ତଥା ବିଏସ୍ଏନ୍ଏଲ୍ ଅଫିସରେ ବିଭାଗ ପକ୍ଷରୁ ଆଧାରକେନ୍ଦ୍ର ଖୋଲାଯାଇଛି। ସେଠାରେ ନୂତନ କାର୍ଡ ଆବେଦନ ସହ ସଂଶୋଧନ କରାଯାଉଥିବାରୁ ଲୋକମାନେ ବହୁତ ଉପକୃତ ହେଉଥିଲେ। ତେବେ ଏହି ଆଧାରକେନ୍ଦ୍ର ଅଧିକାଂଶ ସମୟରେ ବନ୍ଦ ରହୁଥିବାରୁ ଲୋକେ ବାହାର ଦୋକାନରେ ଆଧାର କାର୍ଡ ପାଇଁ ୧୦୦ ଟଙ୍କା ବଦଳରେ ୨୦୦ ଟଙ୍କା ଦେଇ ଶୋଷଣର ଶିକାର ହେଉଛନ୍ତି, ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବହୁ ଦାବି ପରେ ଗତ ୨ବର୍ଷ ତଳେ ଏଠାରେ ଆଧାରକେନ୍ଦ୍ର ଖୋଲାଯାଇଥିଲା। ୧୦୦ ଟଙ୍କାରେ ଲୋକମାନେ କାର୍ଡ ଖଣ୍ଡିଏ ପାଉଥିଲେ। ହେଲେ ବିଭାଗର ଖାମଖିଆଲ ନୀତି ଯୋଗୁ ଏଠାରେ ଥିବା କେନ୍ଦ୍ର କେବେ ଖୋଲାଯାଉଛି ତ କେବେ ବନ୍ଦ ରହୁଛି। କେଉଁ କାରଣରୁ ଏପରି କରାଯାଉଛି ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଧାରକେନ୍ଦ୍ର ବନ୍ଦ ଥିବା ଜାଣି ନ ପାରି ଦୂର ଅଞ୍ଚଳରୁ ଲୋକମାନେ ଆସି ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳୁଛି। ତେଣୁ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ବିଏସ୍ଏନ୍ଏଲ୍ ଅଫିସରେ ଆଧାର କେନ୍ଦ୍ର ନିୟମିତ ଖୋଲାଯାଇ କାର୍ଯ୍ୟ କରାଯିବାକୁ ସାଧାରଣରେ ଦାବି ହୋଇଛି।

# ଆରମ୍ଭ ହୋଇନି ରେଳ ଡିଭିଜନ ନିର୍ମାଣ

ରାୟଗଡ଼ା,୨୩।୮ (ଆଶିଷ ରଞ୍ଜନ ପଣ୍ଡା)




**ଘୋଷଣାର ୪ ବର୍ଷ ବିତିଲା**

- ଆନ୍ଧ୍ରପ୍ରଦେଶକୁ ଅହେତୁକ ଅନୁକମ୍ପା ଯୋଗୁ ଓଡ଼ିଶାକୁ ଅବହେଳା : ସପ୍ତଗିରି
- ବିଭିନ୍ନ ସଙ୍ଗଠନ ଓ ରାଜନୈତିକ ଦଳ କରିପାରନ୍ତି ଆନ୍ଦୋଳନ

ରାୟଗଡ଼ା ରେଳ ଡିଭିଜନ ସ୍ଥାପନ ନେଇ ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ରାୟଗଡ଼ାରେ ରେଳ ଡିଭିଜନ ସ୍ଥାପନ ନେଇ ରେଳ ବିଭାଗ ପକ୍ଷରୁ ଘୋଷଣା ହେବାର ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ କାହିଁକି ଡିଭିଜନ ନିର୍ମାଣ ହେଉନାହିଁ ବୋଲି ଜିଲାବାସୀ ପ୍ରଶ୍ନ କରିଛନ୍ତି। ସେହିଭଳି ଏମ୍ପି ସପ୍ତଗିରି ଉଲାକା ମଧ୍ୟ ରେଳ ବିଭାଗର ଏଭଳି ନୀତିକୁ କଡ଼ା ସମାଲୋଚନା କରିଛନ୍ତି। ଏ ନେଇ ସେ ସଂସଦରେ ବହୁବାର ପ୍ରଶ୍ନ କରିଛନ୍ତି। ବିଶେଷ ଭାବେ ରାୟଗଡ଼ା ରେଳ ଡିଭିଜନ ନିର୍ମାଣ ଏବଂ ଗୁଣପୁର-ନୌପଡ଼ା ରେଳ ଲାଇନ ସ୍ଥାପନ ନେଇ ପ୍ରଶ୍ନ କଲେ ମଧ୍ୟ କେନ୍ଦ୍ର ସରକାର କୌଣସି ପଦକ୍ଷେପ ଗ୍ରହଣ ନ କରିବା ଅତି ଆଶ୍ଚର୍ଯ୍ୟଜନକ ବୋଲି କହିଛନ୍ତି ସପ୍ତଗିରି ଉଲାକା । ସେ ଆହୁରି ମଧ୍ୟ କହିଛନ୍ତି, ରାୟଗଡ଼ା ଡିଭିଜନ ନିର୍ମାଣ ହେଲେ ଆନ୍ଧ୍ରପ୍ରଦେଶ ରାଜ୍ୟ ୱାଲଟିୟର ଡିଭିଜନର ଆର୍ଥିକ କ୍ଷତି ହେବ । ଆନ୍ଧ୍ରପ୍ରଦେଶ ସରକାର କେନ୍ଦ୍ରରେ ଭାଜପାକୁ ସମର୍ଥନ କରୁଥିବାରୁ କେନ୍ଦ୍ର ଭାଜପା ସରକାର ଓଡ଼ିଶାକୁ ଅବହେଳା କରୁଥିବା ସେ କହିଛନ୍ତି।

ପ୍ରକାଶ ଥାଉକି, ରାୟଗଡ଼ାଠାରେ ରେଳ ଡିଭିଜନ ସ୍ଥାପନ ନେଇ ଘୋଷଣା ଇତିମଧ୍ୟରେ ୪ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି । ହେଲେ ଡିଭିଜନ ତ ଦୂରର କଥା ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହୋଇନାହିଁ । ଫଳରେ ସାଧାରଣ ଲୋକଙ୍କଠାରୁ ଆରମ୍ଭକରି ଯାତ୍ରୀ, ବିଭିନ୍ନ ସଙ୍ଗଠନ ଏବଂ ରାଜନୈତିକ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ସଂସଦରେ ରେଳ ବଜେଟ ଉପସ୍ଥାପନ ସମୟରେ ତତ୍କାଳୀନ ରେଳମନ୍ତ୍ରୀ ପୀୟୁଷ ଗୋୟଲ ରାୟଗଡ଼ା ଡିଭିଜନ ନେଇ ଘୋଷଣା କରିଥିଲେ। ଏଥିସହିତ ୨ ବର୍ଷ ମଧ୍ୟରେ କାର୍ଯ୍ୟକ୍ଷମ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଗତବର୍ଷ ଏପ୍ରିଲ ପହିଲାରେ ଏହାର ପ୍ରତିଷ୍ଠା ନେଇ ମଧ୍ୟ ଘୋଷଣା ହୋଇଥିଲା । ତେବେ ବର୍ତ୍ତମାନ ସୁଦ୍ଧା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ରେଳ ଡିଭିଜନ ନିର୍ମାଣ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେବେ ନିର୍ମାଣ ଆରମ୍ଭ ହେବ, ସେ ନେଇ କୌଣସି ଠିକ୍ ତଥ୍ୟ କାହା ନିକଟରେ ନାହିଁ। ଅପରପକ୍ଷେ ୨୦୨୧ ଅଗଷ୍ଟ ୨୦ରେ ଜିଲା ଗସ୍ତରେ ଆସିଥିବା ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଖୁବ୍‌ଶୀଘ୍ର ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମନ୍ତ୍ରୀଙ୍କ ଗସ୍ତ ପରେ ରେଳ ଡିଭିଜନ କାର୍ଯ୍ୟ ଆଗକୁ ବଢ଼ିବା ନେଇ ଆଶା ଦେଖାଦେଇଥିଲା । ହେଲେ ବର୍ତ୍ତମାନ ତାହାର କୌଣସି ଚିହ୍ନବର୍ଣ୍ଣ ନାହିଁ।

ସୂଚନାଯୋଗ୍ୟ, ଡିଭିଜନ ନିର୍ମାଣ ପାଇଁ ସ୍ଥାନ ନିରୂପଣଠାରୁ ଆରମ୍ଭକରି ଫାଇଲ୍ କାମ ଶେଷ ହୋଇଯାଇଛି । ତେବେ ଡିଭିଜନ ପାଇଁ ସମ୍ପୂର୍ଣ୍ଣ ଡିପିଆର୍ ରେଳବାଇ ବୋର୍ଡର ହସ୍ତଗତ ହୋଇ ନ ଥିବାରୁ ବିଳମ୍ବ ହେଉଥିବା ରାଜନୈତିକ ମହଲରେ ଅଭିଯୋଗ କରାଯାଉଛି । ଡିଭିଜନ ନିର୍ମାଣ ପାଇଁ ୩୮୦ କୋଟି ଟଙ୍କା ଖର୍ଚ୍ଚ ନେଇ ତାଲିକା ରେଳ ବିଭାଗ ପ୍ରସ୍ତୁତ କରିଥିଲା । ୨୦୨୦ ବଜେଟରେ ୧୭୦ କୋଟି ଟଙ୍କା ପ୍ରଦାନ ନେଇ ବିଚାର କରାଯାଇଥିଲା । କିନ୍ତୁ ୨୦୨୦-୨୧ ବଜେଟରେ ଟଙ୍କାଟିଏ ମଧ୍ୟ ଏହି ଡିଭିଜନ ପାଇଁ ଖର୍ଚ୍ଚ ହୋଇନାହିଁ । ଅପରପକ୍ଷରେ ୧୭୦ କୋଟି ମଞ୍ଜୁର ହୋଇଥିଲେ ମଧ୍ୟ ବଜେଟରେ ମାତ୍ର ୩ କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ତେବେ ୩୮୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବା ବେଳେ ମାତ୍ର ୩ କୋଟି ଟଙ୍କା ପ୍ରଦାନ କରାଯିବା ଅଞ୍ଚଳବାସୀଙ୍କ ମନରେ କ୍ଷୋଭ ପ୍ରକାଶ ପାଇଛି ।

## ଜିଲାରେ ୪ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ନିମନ୍ତେ ଶିଳାନ୍ୟାସ



ନୂତନ ବସଷ୍ଟାଣ୍ଡ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ଓ ବିଭାଗୀୟ ଅଧିକାରୀ।

ରାୟଗଡ,୨୩।୮ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ଜିଲାର ଗ୍ରାମାଞ୍ଚଳରେ ପରିବହନ ସେବାକୁ ସୁଦୃଢ଼ କରିବା ନିମନ୍ତେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଜିଲାର ୪ଟି ବ୍ଲକରେ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବା ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡ୍‌ରେ ବୁଧବାର ଶିଳାନ୍ୟାସ କରିଛନ୍ତି। ରାୟଗଡ଼ା ଜିଲାର କାଶୀପୁର, ଗୁଣପୁର, ବିଷମ କଟକ ଓ ରାମନାଗୁଡ଼ା ବସ୍‌ଷ୍ଟାଣ୍ଡକୁ ଅତ୍ୟାଧୁନିକୀକରଣ କରାଯିବ। ଆୟୋଜିତ କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି, ଜନଜାତି ଓ ଆଇନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନସୂୟା ମାଝି, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର ଦାଶ, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ରାୟଗଡ଼ା ଜିଲାପାଳ ସ୍ୱାଧାଦେବ ସିଂ, ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ରାଇତ, କାଶୀପୁର ବ୍ଲକ ଅଧ୍ୟକ୍ଷ କଣ୍ଠ ମାଝି, ଗୁଣପୁର ବ୍ଲକ ଅଧ୍ୟକ୍ଷା ଝିଲି ଶବର, ବିଷମ କଟକ ବ୍ଲକ ଅଧ୍ୟକ୍ଷା ଯଶୋଦା ହୁଇକା, ରାୟଗଡ଼ା ଆଞ୍ଚଳିକ ପରିବହନ ଅଧିକାରୀ ଏସ୍.ଏସ୍. ଚୌଧୁରୀ, ଓଡ଼ିଶା ପରିବହନ ନିଗମର ସଂଗ୍ରାମ ଜେନା ପ୍ରମୁଖ ଯୋଗ ଦେଇଥିଲେ ।

# ୧୨୫୬ ଶ୍ରମିକଙ୍କୁ ମିଳିଛି ଶହେ ଦିନର କାମ

ବିଷମ କଟକ,୨୩।୮(ବିଭୂତି ଭୂଷଣ ନାୟକ)

**ବିଷମକଟକରେ ଏମ୍‌ଜିଏନ୍ଆର୍‌ଇଜିଏସ୍ ଜନଶୁଣାଣି ଶିବିର**



ଶିବିରରେ ମଞ୍ଚାସୀନ ଅତିଥି।

ବିଷମ କଟକ ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ପଞ୍ଚଦଶ ଅର୍ଥ କମିଶନ ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଗୁଣପୁର ଭାରପ୍ରାପ୍ତ ଉପଜିଲାପାଳ ଶାନ୍ତିପ୍ରଭା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଯଶୋଦା ହୁଇକା, ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ, ସହକାରୀ ଯନ୍ତ୍ରୀ ପ୍ରତିଶ ତ୍ରିପାଠୀ, ଏପିଓ ମାନସି ପାତ୍ର ଯୋଗ ଦେଇଥିଲେ। ୨୧ଟି ପଞ୍ଚାୟତର ସରପଞ୍ଚ,ସମିତି ସଭ୍ୟ, ମନରେଗା ଯୋଜନାରେ କାର୍ଯ୍ୟକରୁଥିବା କୁଶଳି ଓ ଅଣକୁଶଳୀ ଶ୍ରମିକମାନେ ଉପସ୍ଥିତ ଥିଲେ। ଶିବିରରେ ୨୦୨୨ ଅକ୍ଟୋବର ପହିଲାରୁ ଚଳିତ ବର୍ଷ ମାର୍ଚ୍ଚ ୩୧ ତାରିଖ ମଧ୍ୟରେ ହୋଇଥିବା କାର୍ଯ୍ୟର ଶୁଣାଣି କରାଯାଇଥିଲା । ବନ ବିଭାଗ, ଜଳଛାୟା ପ୍ରକଳ୍ପ, ଆଇଟିଡିଏ ଏବଂ ଡିକେଡିଏ, ମୃତ୍ତିକା ସଂରକ୍ଷଣ ବିଭାଗରେ ହୋଇଥିବା ମନରେଗା କାର୍ଯ୍ୟର ସମୀକ୍ଷା କରାଯାଇଥିଲା । ଏହି ସମୟ ସୀମା ମଧ୍ୟରେ ୧୦୭୨ଟି ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଥିବାବେଳେ ୧୨୯୮ ପରିବାରଙ୍କୁ କର୍ମନିଯୁକ୍ତ ଯୋଗାଇ ଦିଆଯାଇଛି। ଏହି ପରିବାରର ଲୋକଙ୍କୁ ୭୫୫୬୭୫ ଦିନ କାର୍ଯ୍ୟ ଦିବସ ପ୍ରଦାନ କରଯାଇଛି । ବର୍ତ୍ତମାନ ସୁଦ୍ଧା ୧୨୫୬ଜଣଙ୍କୁ ୧୦୦ ଦିନର କାର୍ଯ୍ୟ ଯୋଗାଇ ଦିଆଯାଇଥିବା ସୂଚନା ମିଳିଛି ।

ସମୀକ୍ଷା ସମୟରେ ମନରେଗା ଯୋଜନାରେ ଦେଖାଦେଇଥିବା ଅନିୟମିତତା ଚିହ୍ନଟ କରାଯାଇଛି । ଭାତପରୁର ଗ୍ରାମ ପଞ୍ଚାୟତର ୧୦ଟିପ୍ରକଳ୍ପ, ଡୁକୁମର ୨ଟି ପ୍ରକଳ୍ପ ଏବଂ ଥୁଆପାଡି ଗ୍ରାମ ପଞ୍ଚାୟତର ୨ଟି ପ୍ରକଳ୍ପରେ ସୂଚନା ଫଳକ ଲଗାଯାଇ ନ ଥିବାରୁ ସଂପୃକ୍ତ ପିଇଓ ଏବଂ ଜିଆରଏସଙ୍କ ଠାରୁ ଟଙ୍କା ରିକଭରି କରିବା ନିମନ୍ତେ ସୂଚନା ଦିଆଯାଇଥିଲା। ଏଥି ସହିତ ପଞ୍ଚଦଶ ଅର୍ଥ କମିଶନରେ ହାଟମୁନିଗୁଡା, ଡାଲିଆକୁଜି ଏବଂ ଚାଚରାଗୁଡା ପଞ୍ଚାୟତରେ ହୋଇଥିବା ପ୍ରକଳ୍ପର କେସ ରେକର୍ଡ ଯାଞ୍ଚ ଅଧିକାରୀଙ୍କୁ ପ୍ରଦାନ କରାଯାଇ ନ ଥିବାରୁ ଗୋଟିଏ ପ୍ରକଳ୍ପ ପିଛା ୫ ହଜାର ଲେଖାଏଁ ଜରିମାନ ପ୍ରଦାନ କରିବାକୁ ପ୍ରସ୍ତାବ ଦିଆଯାଇଛି। ଜନ ଶୁଣାଣି ଶିବରର ଅଧ୍ୟକ୍ଷ ଭାରପ୍ରାପ୍ତ ଉପଜିଲାପାଳ ଶାନ୍ତିପ୍ରଭା ପ୍ରଧାନ ସମ୍ପୃକ୍ତ ଗ୍ରାମ ପଞ୍ଚାୟତରେ ହୋଇଥିବା ଅନିୟମିତତା ସମ୍ବନ୍ଧରେ ତଦନ୍ତ କରି ୭ଦିନ ମଧ୍ୟରେ ସବିଶେଷ ବିବରଣୀ ଦାଖଲ କରିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରିପୋର୍ଟ ଦାଖଲ ନ କଲେ ଅଭିଯୋଗ ହୋଇଥିବା ସମସ୍ତ ପ୍ରକଳ୍ପର ଦାୟିତ୍ୱରେ ରହିଥିବା ଅଧିକାରୀଙ୍କ ଠାରୁ ଆଦାୟ କରାଯିବ ବୋଲି ସୂଚନା ଦେଇଛନ୍ତି। ଏହା ବ୍ୟତିତ ଆଗକୁ ଯେ କୌଣସି କାର୍ଯ୍ୟ କରିବା ପୂର୍ବରୁ ପ୍ରଥମରେ ସୂଚନା ଫଳକ ପ୍ରସ୍ତୁତ କରି ସମସ୍ତ ବିବରଣୀ ଲେଖିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଯେଉଁମାନେ କାର୍ଯ୍ୟରେ ଅବହେଳା କରୁଛନ୍ତି ସେମାନଙ୍କୁ କାର୍ଯ୍ୟରୁ ବିରାମ ଦେଇ ସେ ସ୍ଥାନରେ ନୂତନ ମେଟ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣି ଶେଷରେ ଗତ ୨ ମାସ ହେବ ଶ୍ରମିକମାନେ ମଜୁରି ପାଇ ନ ଥିବା ନେଇ ଲୋକ ପ୍ରତିନିଧିମାନେ ଅଧ୍ୟକ୍ଷାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

## ବକ୍ତୃତା ପ୍ରତିଯୋଗିତାରେ ଗାନ୍ଧୀ ପବ୍ଲିକ ସ୍କୁଲ ଛାତ୍ର ପ୍ରଥମ

ଗୁଣପୁର, ୨୩।୮(ପ୍ରଦୀପ କୁମାର ପାଢ଼ୀ)

ଦକ୍ଷିଣ ଓଡିଶା ଆନ୍ତଃ ବିଦ୍ୟାଳୟ ବକ୍ତୃତା ପ୍ରତିଯୋଗିତାରେ ରାୟଗଡ଼ା ଜିଲା ଗୁଣପୁର ଗାନ୍ଧୀ ପବ୍ଲିକ ସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ର ସ୍ୱସ୍ତିକ କୁମାର ସାହୁ ପ୍ରଥମ ହୋଇଛନ୍ତି । ଦକ୍ଷିଣ ଓଡିଶା ସହୋଦୟୋ ବିଦ୍ୟାଳୟ ସଂକୁଳସ୍ତରୀୟ 'ମାନବ ଇତିହାସରେ ଜଳବାୟୁ ପରିବର୍ତ୍ତନ ସବୁଠାରୁ ବଡ଼ ବିପଦ' ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ୧୬ଟି ବିଦ୍ୟାଳୟରୁ କନିଷ୍ଠ ଓ ବରିଷ୍ଠ ବିଭାଗରେ ୬୪ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ପାଠି ସ୍ୱସ୍ତିକଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ସେ ପ୍ରେରଣା ବୋଲି କହିଥିଲେ। ଜିଆଇଇଟି ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଡ଼. ଜଗଦୀଶ ପଣ୍ଡା ଖୁସିବ୍ୟକ୍ତ କରି ସ୍ୱସ୍ତିକଙ୍କୁ ଧନ୍ୟବାଦ ଦେବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି କାର୍ଯ୍ୟକ୍ରମ ବ୍ରହ୍ମପୁର ଡିପିଏସସରେ ଅନୁଷ୍ଠିତ ହୋଇଥିଲା । ଜିଆଇଇଟି ବିଶ୍ୱବିଦ୍ୟାଳୟ ସଭାପତି ଡ଼. ସତ୍ୟପ୍ରକାଶ ପଣ୍ଡା, ଉପସଭାପତି ଡ଼. ଚନ୍ଦ୍ରଧ୍ୱଜ ପଣ୍ଡା ସ୍ୱସ୍ତିକଙ୍କ ସଫଳତା ପାଇଁ ଶୁଭ କାମନା ଜଣାଇଥିଲେ ।




# ଆଲୋଚନାରେ ସରୁଛି ବୈଠକ, ଫଳ ଶୂନ




ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ରାୟଗଡ଼ା,୨୩।୮ (ଭାଗ୍ୟଶ୍ରୀ ମିଶ୍ର)

**ରାୟଗଡ଼ା ପଞ୍ଚାୟତ ସମିତି ବୈଠକ**

ରାୟଗଡ଼ା ବ୍ଲକ ସଦ୍‌ଭାବନା ଗୃହଠାରେ ବୁଧବାର ସପ୍ତମ ପଞ୍ଚାୟତ ସମିତି ବୈଠକ ଅଧ୍ୟକ୍ଷା ଟୁନି ହୁଇକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସମିତି ବୈଠକରେ ବିଭିନ୍ନ ସମସ୍ୟା ସମ୍ପର୍କରେ କେବଳ ଆଲୋଚନା କରାଯାଉଥିବାବେଳେ ପରବର୍ତ୍ତୀ ସମୟରେ ଏହା କାର୍ଯ୍ୟକାରୀ ହେଉ ନ ଥିବା ନାକିଟି ସମିତି ସଭ୍ୟ ଭୂଷଣ ବିଡ଼ିକା ଅଭିଯୋଗ କରିଛନ୍ତି। ଜନ ପ୍ରତିନିଧି ଭାବେ ଆମେ ନିର୍ବାଚିତ ହୋଇ ଯଦି ଲୋକଙ୍କ ସମସ୍ୟା ସମାଧାନ ନ କରିପାରିବୁ ତେବେ ଆମେ କ'ଣ ପାଇଁ ଅଛୁ ବୋଲି ସମସ୍ତ ସମିତି ସଭ୍ୟା ହୋହାଲ୍ଲା କରିଥିବା ଦେଖିବାକୁ ମିଳିଛି । ସେହିପରି ୫-ଟି ସ୍କୁଲର ଉନ୍ନତୀକରଣ ପାଇଁ ଆସୁଥିବା ଟଙ୍କା ବାଟମାରଣ ହେଉଥିବା ଅଭିଯୋଗ କରି ଏହାର ଭିଜିଲାନ୍ସ ତଦନ୍ତ କରାଯିବାକୁ ସମସ୍ତ ସମିତି ସଭ୍ୟମାନେ ଦାବି କରିଛନ୍ତି । 'ମୋ ଓଡ଼ିଶା ନବୀନ ଏବଂ ନବୀନ ଓଡ଼ିଶା'ର ବିଭିନ୍ନ କାର୍ଯ୍ୟରେ ସରପଞ୍ଚ ଏବଂ ସମିତି ସଭ୍ୟମାନେ ମିଶିକି କାର୍ଯ୍ୟ କଲେ ସମସ୍ତ ସମସ୍ୟା ସମାଧାନ ହେବ ବୋଲି ଆଲୋଚନା ହୋଇଛି।

ସେହିପରି ବୈଠକରେ ଶିକ୍ଷା, ଆବାସ ଗୃହ, ପାନୀୟ ଜଳ ଓ ପରିମଳ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ସାମାଜିକ ସୁରକ୍ଷା, ପ୍ରାଣୀଧନ, ମହିଳା ଓ ଶିଶୁ ବିକାଶ, ସାଧାରଣ ବଣ୍ଟନ, ଶ୍ରମିକ କଲ୍ୟାଣ ଆଦି ବିଷୟରେ ଆଲୋଚନା କରାଯାଇଛି। ଅଙ୍ଗନୱାଡି କେନ୍ଦ୍ରରେ ପ୍ରତି ମାସରେ ଅଣ୍ଡା, ଛତୁଆ ଦିଆଯାଉ ନ ଥିବା ସମିତି ସଭ୍ୟମାନେ ଅଭିଯୋଗ କରିଥିଲେ। ଅଚାନକ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ପିଲାଙ୍କର ଉପସ୍ଥିତି ଲିଷ୍ଟ ରଖିବାକୁ ଅଧ୍ୟକ୍ଷା ଟୁନି ହୁଇକା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବିଧାୟକ ମକରନ୍ଦ ମୁଦୁଲି ଯୋଗଦେଇ ନିର୍ବାଚିତ ପ୍ରତିନିଧି ଜନସାଧାରଣଙ୍କ ଆବଶ୍ୟକତାକୁ ଭିତ୍ତିକରି ପ୍ରକଳ୍ପ ଚୟନ କରିବା ସହ ଯେପରି ସମସ୍ତ ଯୋଜନାର ସୁଫଳ ଲୋକାଭିମୁଖୀ ହେବ ସେଥିପ୍ରତି ଯତ୍ନଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଉପାଧ୍ୟକ୍ଷ ହରପ୍ରସାଦ ହେପୃକା, ଜିଲା ପରିଷଦ ସଦସ୍ୟ ପ୍ରଶାନ୍ତ କୁଲେଶିକା, ପଦ୍ମାବତୀ ମାଣ୍ଡାଙ୍ଗି, ସନ୍ଧ୍ୟା ପୁଲାକା, ବିଡିଓ ଲକ୍ଷ୍ମୀନାରାୟଣ ସାବତ, ଏବିଡିଓ କାଳୁ ଚରଣ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଏ ସାନମୁଖା କୁମାର ପାତ୍ର, ଏମ୍ପିଙ୍କ ପ୍ରତିନିଧି ଏସ୍. ଜିଭିତେଶ୍ୱର ରାଓ ପ୍ରମୁଖ ମଞ୍ଚାସୀନ ଥିଲେ । ସମିତି ବୈଠକ ବିଳମ୍ବ ଯୋଗୁ ନାକିଟି ସମିତି ସଭ୍ୟଭୂଷଣ ବିଡ଼ିକା କ୍ଷୋଭ ପ୍ରକଟ କରିଥିଲେ । ସମସ୍ତ ବିଦ୍ୟାଳୟରେ ଛାତ୍ର ଆନୁପାତିକ ଶିକ୍ଷକ ନିଯୁକ୍ତି ପ୍ରଶ୍ନର ଉତ୍ତରରେ ଗୋଷ୍ଠୀ ଶିକ୍ଷାଧିକାରୀ ସୁଦୀପ୍ତ କୁମାର ଦାସ କହିଥିଲେ, ଖୁବଶୀଘ୍ର ରାୟଗଡ଼ା ସମେତ ଓଡ଼ିଶାରେ ୨୦ହଜାର ଶିକ୍ଷକ ନିଯୁକ୍ତି ପାଇଁ ସରକାର ଘୋଷଣା କରିଛନ୍ତି। ଫଳରେ ଶିକ୍ଷକ ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ କହିଥିଲେ। ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମସ୍ତ ସରପଞ୍ଚ, ସମିତି ସଭ୍ୟସଭ୍ୟା, ବିଭାଗୀୟ କର୍ମକର୍ତ୍ତା ଓ ଅତିଥିବୃନ୍ଦ ଉପସ୍ଥିତ ଥିଲେ । ଜିପିଇଓ ଗୋପାଳ ପଣ୍ଡା ବିବରଣୀ ପାଠ କରିଥିଲେ ଓ ଏବିଡିଓ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ପାଚିକା ପାଚକ ମହାସଂଘର ବିକ୍ଷୋଭ

ଟିକିରି, ୨୩।୮(ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ ସଦର ମହକୁମାଠାରେ ନିଖିଳ ଓଡ଼ିଶା ପାଚିକା ପାଚକ ମହାସଂଘ ପକ୍ଷରୁ ବୁଧବାର ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବ୍ଲକ ସଭାନେତ୍ରୀ ସଂଯୁକ୍ତା ବିଷୋୟୀଙ୍କ ନେତୃତ୍ୱରେ ପାଚକ ପାଚିକାମାନେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ବ୍ଲକ ଅଫିସ ନିକଟରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପାଚିକା ପାଚକ ମହାସଂଘର ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁ ଯୋଗଦେଇଥିଲେ। ଦୀର୍ଘ ୨ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରି ଆସୁଥିବା ପାଚକ ପାଚିକାଙ୍କୁ ସାମାଜିକ ସୁରକ୍ଷା ଲାଗୁ କରିବା ସହିତ ସର୍ବନିମ୍ନ ମଜୁରୀ ପ୍ରଦାନ କରିବା ପାଇଁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ଅବିଭକ୍ତ କୋରାପୁଟ ଜିଲ୍ଲା ସଂଯୋଜକ ତଥା ରାୟଗଡ଼ା ଜିଲା ସଭାପତି ନିରଞ୍ଜନ ପାତ୍ର କହିଥିଲେ, ମୁଖ୍ୟମନ୍ତ୍ରୀ ପାଚକ ପାଚିକାଙ୍କ ଦାବି ଉପରେ ଅବଗତ ଅଛନ୍ତି। ତେଣୁ ଗତ ଜୁନ ୧୨ ରେ ସାରା ଓଡ଼ିଶାରୁ ପାଚିକା ଓ ସହାୟିକା ମା'ମାନଙ୍କୁ ଭୁବନେଶ୍ୱର ଡ଼କାଇ ଥିଲେ। ତେଣୁ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ପାଚିକା ପାଚକଙ୍କ ଦାବିକୁ ନେଇ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବେ ବୋଲି ଆମର ବିଶ୍ୱାସ ରହିଛି ବୋଲି ପାତ୍ର କହିଥିଲେ। ଉକ୍ତ ସଭାରେ ପାଚକ ପାଚିକା ମହାସଂଘର ରାୟଗଡ଼ା ଜିଲାର ଉପଦେଷ୍ଟା ଖଗେଶ୍ୱର ସିଙ୍ଗ, ଦୟା ନାଏକ, ମାନସିଙ୍ଗ ଅଟକା ଯୋଗଦେଇ ଥିଲେ। ପାଚକ ପାଚିକା ମହାସଂଘର ରାୟଗଡ଼ା ଜିଲା ସଭାନେତ୍ରୀ ରୁକ୍ମିଣୀ ପାତ୍ର, ଉପସଭାନେତ୍ରୀ ସୁଭଦ୍ରା ଦାସ, ହେମଲତା ସିଙ୍ଗ, ସୁଦେବିଦେଓ ପ୍ରମୁଖ ଉପସ୍ଥିତ ଥିଲେ।




ଶୋଭାଯାତ୍ରାରେ ଅଂଶ ଗ୍ରହଣ କରିଥିବା ପାଚିକା ପାଚକମାନେ।

# ଗୋଟିଏ କୋଠରିରେ ପଢୁଛନ୍ତି ୩ ଶ୍ରେଣୀ ପିଲା

ରାୟଗଡ଼ା,୨୩।୮(ଭାଗ୍ୟଶ୍ରୀ ମିଶ୍ର)



ପିଲାମାନେ ବାରଣ୍ଡାରେ ପାଠ ପଢୁଛନ୍ତି।

- ଅବହେଳିତ ଅବସ୍ଥାରେ ବ୍ରିଟିଶ ଅମଳର ବିଦ୍ୟାଳୟ
- ଗୋଟିଏ ସ୍ଥାନରେ ଚାଲିଛି ୩ ସ୍କୁଲ
- ନୀରବଦ୍ରଷ୍ଟା ସାଜିଛି ଶିକ୍ଷା ବିଭାଗ

ପିଲାଙ୍କ ଗୁଣାତ୍ମକ ଶିକ୍ଷା ପାଇଁ ରାଜ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ଅନେକ ସ୍ଥାନରେ ଏହାର ସୁଫଳ ପହଞ୍ଚି ପାରୁ ନ ଥିବା ଅଭିଯୋଗ ହେଉଛି। ରାୟଗଡ଼ା ସହରର କଂଗ୍ରେସ ଭବନଠାରେ ବ୍ରିଟିଶ୍ ଅମଳରୁ ପ୍ରତିଷ୍ଠା ହୋଇଥିବା ଏହି ସରକାରୀ ବିଦ୍ୟାଳୟର ଶ୍ରେଣୀକକ୍ଷ ମରାମତି ଅଭାବରୁ ଏବେ ଅବହେଳିତ ଅବସ୍ଥାରେ ରହିଛି। ଅନ୍ୟପକ୍ଷରେ ଉକ୍ତ ବିଦ୍ୟାଳୟ ସହିତ ଅନ୍ୟ ୨ଟି ସ୍କୁଲକୁ ମିଶ୍ରଣ କରାଯାଇଥିବାବେଳେ ଶ୍ରେଣୀଗୃହ ଅଭାବରୁ ଗୋଟିଏ କୋଠରିରେ ୩ଟି ଶ୍ରେଣୀର ପିଲାଙ୍କୁ ଶିକ୍ଷାଦାନ କରାଯାଉଛି। ୬ଷ୍ଠ, ୭ମ ଓ ୮ମ ଶ୍ରେଣୀ ଛାତ୍ରୀଛାତ୍ର ଗୋଟିଏ କୋଠରିରେ ବସି ପାଠ ପଢୁଥିବାରୁ ଅନେକ ସମସ୍ୟା ସୃଷ୍ଟି ହେଉଛି। ଗୋଟିଏ କ୍ଲାସ୍ ପିଲାଙ୍କୁ ପାଠ ପଢାଇବା ସମୟରେ ଅନ୍ୟ ଶ୍ରେଣୀ ପିଲାଙ୍କର ଅସୁବିଧା ହେଉଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ସେହିପରି ସାମାନ୍ୟ ବର୍ଷା ହେଲେ ଶ୍ରେଣୀକକ୍ଷ ଛାତରୁ ପାଣି ଗଳୁଛି । ସ୍କୁଲରେ ଷ୍ଟୋରରୁମ୍ ନ ଥିବାରୁ ଶ୍ରେଣୀକକ୍ଷରେ ମଧ୍ୟାହ୍ନଭୋଜନ ପାଇଁ ଆସୁଥିବା ଚାଉଳ ରଖାଯାଉଛି । ବର୍ଷା ହେଲେ ପାଣି ଗଳି ଚାଉଳ ନଷ୍ଟ ହୋଇଯାଉଥିବା ଶିକ୍ଷୟିତ୍ରୀ ଶିକ୍ଷକ ଅଭିଯୋଗ କରିଛନ୍ତି । ବିଦ୍ୟାଳୟରେ ଶୌଚାଳୟ ବ୍ୟବସ୍ଥା ନ ଥିବାରୁ ଛାତ୍ରୀଛାତ୍ର ବାଧ ହୋଇ ବାହାରକୁ ଯାଉଛନ୍ତି।

ସୂଚନାଯୋଗ୍ୟ, ରାୟଗଡା ସହରରେ ଥିବା ଏକ୍ସ ବୋର୍ଡ ୟୁପି ସରକାରୀ ବିଦ୍ୟାଳୟ ବ୍ରିଟିଶ ଅମଳରେ ପ୍ରତିଷ୍ଠା ହୋଇଥିଲା। ବିଦ୍ୟାଳୟରେ ନାନା ଅବ୍ୟବସ୍ଥା ଲାଗି ରହିଥିବାବେଳେ କେଉଁଠି ଛାତ୍ରୀଛାତ୍ର ସଂଖ୍ୟା କମ୍ ତ କେଉଁଠି ଅନ୍ୟ ବିଦ୍ୟାଳୟର ସ୍ଥିତି ଠିକ୍ ନ ଥିବା ଦର୍ଶାଇ ୨୦୧୮ରେ ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଦ୍ୱିଭାଷୀ ବିଦ୍ୟାଳୟ ଏବଂ ଏକ୍ସ ବୋର୍ଡ ୟୁପି ସ୍କୁଲକୁ ରାୟଗଡ଼ା କଂଗ୍ରେସ ଭବନଠାରେ ଥିବା ସରକାରୀ ବିଦ୍ୟାଳୟ ସହିତ ମିଶ୍ରଣ କରାଯାଇଛି । ବିଦ୍ୟାଳୟରେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ବିଦ୍ୟାଳୟରେ ଏବେ ୨୬୪ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ବିଦ୍ୟାଳୟରେ ଅନୁଷଙ୍ଗିକ ବ୍ୟବସ୍ଥା ନ ଥିବାରୁ ଧୀରେ ଧୀରେ ଅଭିଭାବକମାନେ ନିଜ ପିଲାଙ୍କୁ ଅନ୍ୟ ସ୍କୁଲକୁ ନେଇଯାଉଥିବା ଜଣାପଡ଼ିଛି। ବିଦ୍ୟାଳୟର ଅବ୍ୟବସ୍ଥା ନେଇ ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କୁ ପଚାରିବାରୁ ପ୍ରତିବର୍ଷ ବିଦ୍ୟାଳୟର ଉନ୍ନତୀକରଣ ପାଇଁ ୭୫ ହଜାର ଟଙ୍କା ଅନୁଦାନ ଆସୁଥିଲେ ବି ଏତେ କମ୍ ଟଙ୍କାରେ ବିଦ୍ୟାଳୟର ବିକାଶ କରିବା ସମ୍ଭବପର ହୋଇପାରୁ ନାହିଁ। ଅନ୍ୟପକ୍ଷେ ଛାତ୍ରୀଛାତ୍ର ଅନୁସାରେ ସରକାରଙ୍କର କମ୍ପୋଜିଟ ଫଣ୍ଡ ଆସିଥାଏ। କିନ୍ତୁ ତାହାକୁ ମିଶ୍ରଣ କରାଯାଇଥିବା ବିଦ୍ୟାଳୟରେ ଖର୍ଚ୍ଚ କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି। ବିଦ୍ୟାଳୟ ପାଇଁ ଆଉ ୫ଟି ଅତିରିକ୍ତ କ୍ଲାସ୍‌ରୁମ୍‌ର ଆବଶ୍ୟକତା ଥିବା ଏବଂ ଶ୍ରେଣୀକକ୍ଷ ତୁରନ୍ତ ମରାମତି କରାଯିବା କଥା ବୋଲି ସେ କହିଛନ୍ତି । ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ଅନେକ ଥର ଜିଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କିଛି ପଦକ୍ଷେପ ନିଆଯାଉ ନ ଥିବା ସେ କହିଛନ୍ତି । ଅନ୍ୟପକ୍ଷେ ବିଦ୍ୟାଳୟ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିବାକୁ ପ୍ରତିମାସରେ ସିଆର୍‌ସି ବିଦ୍ୟାଳୟ ପରିଦର୍ଶନ କରି ରିପୋର୍ଟ ପ୍ରଦାନ କରିବାର ନିୟମ ଥିଲେ ମଧ୍ୟ ଏହା କାର୍ଯ୍ୟକାରୀ କରାଯାଉ ନ ଥିବା ଅଭିଯୋଗ ହେଉଛି। ସହର ମୁଖ୍ୟ ଛକ ବଜାରରେ ଥିବା ବିଦ୍ୟାଳୟର ସ୍ଥିତି ଯଦି ଏଭଳି ତେବେ ଗ୍ରାମାଞ୍ଚଳ ସ୍ଥିତି କ'ଣ ନ ହୋଇଥିବା ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ଶିକ୍ଷା ବିଭାଗ ତୁରନ୍ତ ଧ୍ୟାନ ଦେଇ ବିଦ୍ୟାଳୟ ପ୍ରତି ଉଚିତ ପଦକ୍ଷେପ ନେଇ ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଜିଲା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଖୁବଶୀଘ୍ର ବିଇଓଙ୍କୁ ଉକ୍ତ ସ୍କୁଲକୁ ପଠାଇ ସମସ୍ୟାର ଅନୁଧ୍ୟାନ କରାଯିବ । ପରେ ବିଦ୍ୟାଳୟର ଉନ୍ନତିକରଣ ପାଇଁ ପଦକ୍ଷେପ ନିଆଯିବ ।

